# ଯୋଗ ସୁସ୍ଥ ସମାଜ ଗଠନର ମୂଳଦୁଆ

ରାଉରକେଲା,୬।୩(ଦିନେଶ ମିଶ୍ର)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମା’ ମହିଳା ସମିତି ପକ୍ଷରୁ ପାୱାରହାଉସ୍ ରୋଡ୍ ସ୍ଥିତ ନ୍ୟାଶନାଲ କ୍ଲବ ପରିସରରେ ଶୁକ୍ରବାର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମା’ ମହିଳା ସମିତିର ଅଧ୍ୟକ୍ଷା ନିରୂପମା ଗନ୍ତାୟତ ପରିଚାଳନା କରିଥିଲେ। ଶିବିରରେ ପୂର୍ବତନ ଅବସରପ୍ରାପ୍ତ ନୋଡାଲ ଅଧିକାରୀ ସୌଭାଗ୍ୟବତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ହେଉଛି ସୁସ୍ଥ ସମାଜ ଗଠନରେ ମୂଳଦୁଆ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଯୋଗ କରିବା ଓ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଶିବିରରେ ପ୍ଲାଣ୍ଟସାଇଟ୍, ନାଲାରୋଡ, ଡେଲିମାର୍କେଟ, ମହତାବ ରୋଡ, ଶିବାଜୀ ମାର୍ଗ ଆଦି ଅଞ୍ଚଳରୁ ପ୍ରାୟ ୧୭୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ସମିତିର ଗୌରୀ ମହାନ୍ତି, ସୁନନ୍ଦା ନାୟକ, ଲତିକା ରାଉତ, ବିନୋଦିନୀ କର, ନିହାରିକା ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଏଡ଼ିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ

## ଟେଟ୍ରାପ୍ୟାକ୍ ମଦ ପ୍ରଚଳନ ନିଷ୍ପତ୍ତିକୁ ବିରୋଧ

ରାଉରକେଲା,୬।୩(ସଙ୍ଗୀତା ଜେନା)

ବର୍ତ୍ତମାନ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ଅତ୍ୟନ୍ତ ଉଦବେଗଜନକ ଅବସ୍ଥାରେ ପହଞ୍ଚିଛି। ଏହି ସମୟରେ ରାଜ୍ୟ ସରକାରଙ୍କ ଟେଟ୍ରା ପ୍ୟାକ୍ ମଦ ପ୍ରଚଳନ ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଶଙ୍କାଗ୍ରସ୍ତ କରିଛି। ନାରୀ ଓ ଶିଶୁ ନିର୍ଯାତନାରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଉକ୍ତ ନିଷ୍ପତ୍ତି ଛାତ୍ର ଓ ଯୁବ ଗୋଷ୍ଠୀଙ୍କୁ ଅଧୋପତନ ଆଡକୁ ନେବ। ମହିଳାଙ୍କ ଉପରେ ଅତ୍ୟାଚାର ବହୁଗୁଣିତ ହେବ ଏଥିରେ ସନ୍ଦେହ ନାହିଁ। ଏଥିପାଇଁ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଆଇଏମ୍ଏସ୍ଏସ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୧ଟାରେ ସଙ୍ଗଠନ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳ (ଏଡ଼ିଏମ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଇଏମ୍ଏସ୍ଏସ୍ ସୁନ୍ଦରଗଡ଼ ଜିଲା କମିଟିର ସଭାନେତ୍ରୀ ଲିଅନୀ ତିର୍କୀ, ସମ୍ପାଦିକା ବିଦ୍ୟୁତ୍ ମହାନ୍ତ, ଲିଲି ମହାନ୍ତି, ସୂର୍ଯ୍ୟକାନ୍ତି ପାତ୍ର, ଲଳିତା ତିର୍କୀଙ୍କ ସମେତ ଶତାଧିକ ମହିଳା ଏଡ଼ିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଟେଟ୍ରା ପ୍ୟାକ୍ ମଦକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମହିଳାମାନଙ୍କୁ ସୁରକ୍ଷା, ମଦ ନିଷେଧ କରିବା, ନାରୀ ନିର୍ଯାତନାକାରୀଙ୍କୁ ତୁରନ୍ତ କଠୋର ଦଣ୍ଡ ଦେବା ଆଦି ଦାବି କରାଯାଇଥିଲା। ଏହି ଦାବିଗୁଡ଼ିକ ଆଗାମୀ ଦିନରେ ପୂରଣ ନ ହେଲେ ବ୍ୟାପକ ଆନ୍ଦୋଳନ କରିବାକୁ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆର୍‌ଏସ୍‌ପିରେ ନୂତନ ଅଗ୍ନି ନିରାପତ୍ତା ପଦକ୍ଷେପ

ରାଉରକେଲା,୬।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆହତ ଶୂନ୍ୟ ଇସ୍ପାତ ଉତ୍ପାଦନ ପ୍ରତି ପ୍ରତିବଦ୍ଧ। ଏହି ପ୍ରତିବଦ୍ଧତାର ଏକ ଅଂଶ ସ୍ୱରୂପ ନିୟମିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଅଧିକାରୀ ଏବଂ ଠିକା ଶ୍ରମିକଙ୍କ ସମେତ ସମଗ୍ର କର୍ମଚାରୀମାନଙ୍କୁ ସଚେତନ କରିବା ପାଇଁ ନୂତନ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଅଗ୍ନିଶମ ସେବା ବିଭାଗ ଦ୍ୱାରା ଶୁକ୍ରବାର ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରରେ ଏହିପରି ଦୁଇଟି ନୂତନ ତାଲିମ ମଡ୍ୟୁଲ୍ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବି. ଆର୍. ପଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଡ୍ୟୁଲ୍ ଗୁଡ଼ିକର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧିକାରୀମାନଙ୍କ ପାଇଁ ପ୍ରଥମ ମଡ୍ୟୁଲ୍ ଅଗ୍ନି ରକ୍ଷକ ଭାବେ ଏକଦିବସୀୟ କାର୍ଯ୍ୟକ୍ରମ ଥିବାବେଳେ ଦ୍ୱିତୀୟଟି ଦକ୍ଷ ରକ୍ଷକ, ଠିକା ଶ୍ରମିକଙ୍କ ପାଇଁ ଏକଦିବସୀୟ କାର୍ଯ୍ୟକ୍ରମ। ‘ଅଗ୍ନି ରକ୍ଷକ’ କାର୍ଯ୍ୟକ୍ରମରେ ଅଗ୍ନି ନିୟନ୍ତ୍ରଣ ପରିଚାଳନା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଦ୍ୱିତୀୟ କାର୍ଯ୍ୟକ୍ରମରେ ‘ଦକ୍ଷ ରକ୍ଷକ’ ଭାବେ ଗ୍ୟାସ୍ ଲାଇନ କାର୍ଯ୍ୟ, ରୁଦ୍ଧ ସ୍ଥାନ ମଧ୍ୟରେ କାର୍ଯ୍ୟ ଏବଂ ଉଚ୍ଚତାରେ କାର୍ଯ୍ୟ ସମ୍ପାଦନ ସମୟରେ ଜରୁରୀକାଳୀନ ପ୍ରତିକ୍ରିୟା ସହିତ ଉଦ୍ଧାର କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ଉଭୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କୁ ପ୍ରତ୍ୟକ୍ଷ କାର୍ଯ୍ୟସ୍ଥଳୀର ବୃହତ ଧାରଣା ସହିତ ସାମାନ୍ୟ ତାତ୍ତ୍ୱିକ ଧାରଣା ଦିଆଯାଇଥିଲା। ପ୍ରାରମ୍ଭରେ ଅଗ୍ନିଶମ ସେବା ବିଭାଗର ଜିଏମ ପି.ଏସ୍. ଠାକ୍‌ରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଗ୍ନିଶମ ସେବା ଏବଂ ସୁରକ୍ଷା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ସମାବେଶକୁ ସ୍ୱାଗତ କରିଥିଲେ। ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସିଜିଏମ ପି. କେ. ସାହୁ ଉପସ୍ଥିତ ଥିଲେ। ଅଗ୍ନିଶମ ସେବା ବିଭାଗର ଡିଜିଏମ ଏମ୍. ସୋନକୁସାରେ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ନବ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୬।୩
(ସଙ୍ଗୀତା ଜେନା/ବିପ୍ଳବ ରଞ୍ଜନ ଦାଶ)

ଧାମରା ସଂଘ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଛେଣ୍ଡସ୍ଥିତ ସଂଘ କାର୍ଯ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି। ଉପସଭାପତି ନିତ୍ୟାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ନବଉତ୍କଳ ନିର୍ମାତାଙ୍କ ସ୍ମୃତିଚାରଣ କରାଯାଇଥିଲା। ବିଜୁବାବୁ ଜଣେ ନିର୍ଭୀକ, ସ୍ୱାଭିମାନୀ, ଓଡ଼ିଆ ଜାତିର ପ୍ରତୀକ ଥିଲେ ବୋଲି ସାଧାରଣ ସମ୍ପାଦକ ଭଗବାନ ରାଉତ କହିଥିଲେ। ରାଉରକେଲା ଇସ୍ପାତ କାରଖାନା, ବୁର୍ଲା ଇଞ୍ଜିନିୟରିଂ କଲେଜ, ବୁର୍ଲା ମେଡିକାଲ କଲେଜ ସମେତ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଗଠନ ଦିଗରେ ତାଙ୍କର ଭୂମିକା ଥିଲା ବୋଲି ରାଉତ କହିଥିଲେ। ଅମୂଲ୍ୟ ସେଠୀ, କୁଳମଣି ଓଝା, ଚନ୍ଦ୍ରଶେଖର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ ସ୍ଥାନୀୟ ଆଇଡିଏଲ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ପ୍ରଶାସନିକ ସେବା ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ସୁନ୍ଦରଗଡ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ମୁଖ୍ୟବକ୍ତା, ଆଇଡିଏଲ ଶିଳ୍ପ ସମ୍ପର୍କ ବିଭାଗର ମୁଖ୍ୟ ରଞ୍ଜନ କୁମାର ମହାନ୍ତି, ମାନବିକତାର ଅଧ୍ୟକ୍ଷ ପ୍ରଶାନ୍ତ ସେଠି, ଡା. ଫକୀର ଚରଣ ହୋତା ଏବଂ ଡା ବିଷ୍ଣୁପ୍ରିୟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ କର୍ମମୟ ଜୀବନ, ସ୍ୱାଧୀନତା ସଂଗ୍ରାମ, ରାଜନୈତିକ ଚିନ୍ତାଧାରା, ସମାଜସେବା ସର୍ବୋପରି ନବ ଓଡ଼ିଶା ଗଠନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିବିଧ ପ୍ରତିଯୋଗିତାର ୪୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଝାନ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।


ପ୍ରତିଯୋଗୀମାନେ ରାମ୍ପ ଶୋ’ରେ ଅଂଶଗ୍ରହଣ କରିଛନ୍ତି।

# ରାମ୍ପ ଶୋ’ ଦେଖାଇଲେ ଆର୍‌ଏସ୍‌ପି କର୍ମଚାରୀ

ରାଉରକେଲା,୬।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଅନ୍ତର୍ଜାତୀୟ ମହିଳା ଦିବସକୁ ଉତ୍ସାହର ସହିତ ପାଳନ କରିବାକୁ ପ୍ରସ୍ତୁତ ହେଉଛି। ଏହି ଉତ୍ସବର ରନ-ଅପ୍ ଇଭେଣ୍ଟର ଏକ ଅଂଶ ଭାବେ ଫେବୃଆରୀ ୨୫ରେ ପ୍ଲାଣ୍ଟର ମହିଳା ପୁରୁଷ କର୍ମଚାରୀଙ୍କ ପାଇଁ ଏଲ୍ଏଣ୍ଡଡି ବିଭାଗରେ ଜଲୱା– ଦି ରାମ୍ପ୍ ଶୋ ଶୀର୍ଷକ ଏକ ରାମ୍ପ ୱାକ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ବିବିଧ ସଂସ୍କୃତି ଏବଂ ପରମ୍ପରାକୁ ପ୍ରତିଫଳିତ କରୁଥିବା ପୋଷାକ ପ୍ରଦର୍ଶନ କରିଥିଲେ। ସେମାନଙ୍କର ସୁନ୍ଦର ପ୍ରଦର୍ଶନ ବ୍ୟତୀତ ପ୍ରତିଯୋଗୀମାନେ ବିଚାରକମାନଙ୍କ ପ୍ରଶ୍ନର ଉତ୍ତର ସେମାନଙ୍କ ବୁଦ୍ଧି, ସ୍ୱତଃସ୍ଫୂର୍ତ୍ତ ଉତ୍ତର ଓ ଅଭିବ୍ୟକ୍ତି ମାଧ୍ୟମରେ ଉଭୟ ଦର୍ଶକ ଏବଂ ବିଚାରକମାନଙ୍କୁ ପ୍ରଭାବିତ କରିଥିଲେ। ଏହି ଇଭେଣ୍ଟର ବିଚାରକ ଥିଲେ ସୁନିତା ସିଂହ, ସିଜିଏମ୍ (ପିପିଆଣ୍ଡସି) ଏବଂ ଦେବଜିତ ରାଭା, ଜିଏମ୍ ଆଇ/ସି (ଡବ୍ଲୁଏମ୍‌ଡି)। ସେହିଭଳି ଫେବୃଆରୀ ୨୭ ତାରିଖରେ କାରଖାନାର ମହିଳା ପୁରୁଷ କର୍ମଚାରୀଙ୍କ ପାଇଁ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମରେ ୭୫ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଶୋ’ର କୁଇଜ୍ ମାଷ୍ଟର ଥିଲେ କୋକ ଓଭେନ ବିଭାଗର ଏଜିଏମ୍ ସମ୍ପଦ ମିଶ୍ର ଏବଂ ସିଇଏସ୍ ଆଇ ବିଭାଗର ଏଜିଏମ୍ ସୁଶ୍ରୀ ଦିବ୍ୟା ଦାଶ। ଉଲ୍ଲେଖଯୋଗ୍ୟ, ପ୍ରତିଯୋଗିତାର ବିଜେତାମାନଙ୍କୁ ଶନିବାର ସିଭିକ୍ ସେଣ୍ଟରରେ ହେବାକୁ ଥିବା ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

# ରାଷ୍ଟ୍ରଭାଷା ପରୀକ୍ଷା ଦେଲେ ୧୧୮ ପରୀକ୍ଷାର୍ଥୀ

ରାଉରକେଲା,୬।୩(ବିପ୍ଳବ ରଞ୍ଜନ ଦାଶ)

ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନ, ରାଉରକେଲା ପକ୍ଷରୁ ସେକ୍ଟର-୧୮ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନରେ ଶୁକ୍ରବାର ରାଷ୍ଟ୍ରଭାଷା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରଭାଷା ପ୍ରଚାର ସମିତି ୱର୍ଦ୍ଧା ଅନ୍ତର୍ଗତ ରାଷ୍ଟ୍ରଭାଷା ପ୍ରାଥମିକ, ପ୍ରାରମ୍ଭିକ, ପ୍ରବେଶ, ପରିଚୟ, କୋବିଦ ଏବଂ ରତ୍ନ ପରୀକ୍ଷା ଫେବୃଆରୀ ୨୮ରୁ ମାର୍ଚ୍ଚ ୩ ତାରିଖ ଚାରିଦିନ ଧରି ଅନୁଷ୍ଠିତ ହୋଇଥିଲା। ରାଉରକେଲା ତଥା ଆଖପାଖ ଅଞ୍ଚଳର ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରୁ ମୋଟ ୧୧୮ ଜଣ ଏହି ପରୀକ୍ଷା ଦେଇଥିଲେ। କେନ୍ଦ୍ର ଅଧୀକ୍ଷକ ତଥା ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ସମ୍ପନ୍ନ ହୋଇଥିଲା ବୋଲି ସଂସ୍ଥାନର ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ଡଃ ଜଗନ୍ନାଥ ଦାଶ ଜଣାଇଛନ୍ତି।


ପରୀକ୍ଷାର୍ଥୀମାନେ ରାଷ୍ଟ୍ରଭାଷା ପରୀକ୍ଷା ଦେଉଛନ୍ତି।

## ତାତି ବଢୁଛି, ମରାମତି ହେଉନି ପାନୀୟ ଜଳ ପ୍ରକଳ୍ପ

ରାଉରକେଲା,୬।୩(ଦିନେଶ ମିଶ୍ର): ରାଉରକେଲା ସହରର ପ୍ରଧାନପାଲ୍ଲୀ, ଛେଣ୍ଡ ଭିଏସ୍ଏସ୍ ମାର୍କେଟରେ ଥିବା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଏହାକୁ ମରାମତି କରାଯାଉ ନ ଥିବାରୁ ଲୋକେ ପାଣିଇ ପାଇଁ ଅସୁବିଧା ଭୋଗୁଛନ୍ତି। ତାତି ବଢୁଥିବାରୁ ଏହି ଜଳ ପ୍ରକଳ୍ପଗୁଡିକୁ ମରାମତି କରିବା ପାଇଁ ଦାବି ହେଉଛି। ପ୍ରଧାନପାଲ୍ଲୀ ଅଞ୍ଚଳରେ ୨୦୨୩ରେ ୱାଟକୋ ପକ୍ଷରୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ କରାଯାଇଥିଲା। ଏହି ପ୍ରକଳ୍ପଟି ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ନିକଟ ନ ନମ୍ବର ପାର୍କରେ ହୋଇଥିଲା। ଏବେ ଏହା ଅଚଳ ଅବସ୍ଥାରେ ପଡି ରହିଛି। ଫଳରେ ୩ଟି ଟ୍ୟାପ ଚୋରି ହୋଇଥିବାବେଳେ ଏହାର ଆଖପାଖରେ ଅନାବନା ଗଛ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ସେହିଭଳି ଛେଣ୍ଡସ୍ଥିତ ଭିଏସ୍ଏସ୍ ମାର୍କେଟ ପରିସରରେ ଥିବା ଏକ ଜଳ ପ୍ରକଳ୍ପ ଆଜିକୁ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଭଙ୍ଗା ଅବସ୍ଥାରେ ପଡି ରହିଛି। ଏଥିରେ ଲାଗିଥିବା ଟ୍ୟାପ୍‌ଗୁଡିକରୁ ଶୁଦ୍ଧ ପାଣି ଆସୁନାହିଁ। ସହରର ଏଭଳି ପରିସ୍ଥିତି ଆରଏମ୍‌ସି ସମ୍ମୁଖରେ ଥିବା ସୁବାଷ ପାର୍କ ପରିସର, ଡିଏଭି ଡଙ୍ଗାଛକ, ବିଏସ୍ଏନ୍ଏଲ ଛକ, ପାନପୋଷ ଛକରେ ମଧ୍ୟ ଦେଖିବାକୁ ମିଳିଛି। ଏ ନେଇ ୱାଟ୍‌କୋ ବିଭାଗର ନିର୍ବାହୀ ଯନ୍ତ୍ରୀ ତୁଷାର ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ଖରାଦିନକୁ ଦୃଷ୍ଟିରେ ରଖି ୱାଟକୋ ପକ୍ଷରୁ ସହରର ବିଭିନ୍ନ ୱାଟର ପଏଣ୍ଟଗୁଡିକୁ ଯାଞ୍ଚ କରାଯାଇଛି। ଯେଉଁଗୁଡିକ ଅଚଳ ଅବସ୍ଥାରେ ରହିଛି ଆସନ୍ତା ୨ ସପ୍ତାହ ମଧ୍ୟରେ ମରାମତି ହୋଇଯିବ ବୋଲି ସେ ସୂଚନା ଦେଇଥିଲେ।

# ଭିନ୍ନକ୍ଷମଙ୍କ ମୌଳିକ ଅଧିକାରକୁ ଗୁରୁତ୍ୱ

ରାଉରକେଲା,୬।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଭିନ୍ନକ୍ଷମମାନଙ୍କ ଶିକ୍ଷାନୁଷ୍ଠାନ ଶ୍ରଦ୍ଧା ପକ୍ଷରୁ ବିଶ୍ରା ବ୍ଲକ ଅଫିସରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ରଣା ଅଧ୍ୟକ୍ଷତା କରିଥିଲେ। ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ୟାସୀ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିେ, ଆମ ସମସ୍ତଙ୍କର ଦାୟିତ୍ୱ ହେଉଛି ଭିନ୍ନକ୍ଷମଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା। ତେଣୁ ପଞ୍ଚାୟତ ପ୍ରତିନିଧିମାନେ ତାଙ୍କ ଅଞ୍ଚଳରେ କେହି ବି ଜଣେ ଭିନ୍ନକ୍ଷମ ତାଙ୍କ ମୌଳିକ ଅଧିକାରରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବା ଉଚିତ। ଭିନ୍ନକ୍ଷମଙ୍କ ପେନସନ, ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଯୋଜନାରେ ବାସଗୃହ, ପାଠପଢ଼ାରେ ସୁବିଧା, ବାଣିଶ୍ରୀ, ସ୍କଲାରଶିପ୍ ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗରେ ସମସ୍ୟା ଆସିଲେ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ଜଣାଇବାକୁ ସେ କହିଥିଲେ। ବିଡ଼ିଓ ଜଗନ୍ନାଥ ହନୁମାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ସରକାରୀ ଯୋଜନା ଅନ୍ତର୍ଗତ ସୁବିଧା ବାବଦରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶ୍ରଦ୍ଧାର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଟିପିଡବ୍ଲ୍ୟୁଓଡିଏଲ ଓ ଶ୍ରଦ୍ଧା ଦ୍ୱାରା ପରିଚାଳିତ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ। ଜିଲା ସମିତି ଚେୟାରମ୍ୟାନ ଫୁଲମଣି କେରକେଟା, ସିଡ଼ିପିଓ ଏମରେନ୍ ସିୟା କୁଲୁ, ବିଏସ୍‌ଓ ଶୁଭଲକ୍ଷ୍ମୀ ଦାଶଙ୍କ ସମେତ ଝିରପାଣି, ବନ୍ଧମୁଣ୍ଡା, ବିଶ୍ରା, ଭାଲୁଲତା, ତୁଳସୀକାନୀ, କାପଟମୁଣ୍ଡା, ଉତ୍ତୁସୁ, ବଡ଼ ବାମ୍ବୁଆ ସରପଞ୍ଚ, ମିଶନ ଶକ୍ତି, ଅଙ୍ଗନୱାଡି, ସିଆର୍‌ପି, ବିଇଓ ଏବଂ ଡିଇଓ ଅଂଶଗ୍ରହଣ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# କର୍ମଚାରୀ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଲକ୍ଷ୍ୟ

ରାଉରକେଲା,୬।୩(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ୫୫ତମ ଜାତୀୟ ସୁରକ୍ଷା ଦିବସ ସହିତ ଜାତୀୟ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ‘ଶିଳ୍ପ କୋଣାର୍କ’ ସ୍ମାରକୀ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ଏଚ୍ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଏମ୍‌ଡିସିଏମ୍ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ମାଇନ୍ସ ସିଏମ୍ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ଅନ୍ୟ ବହୁ ସିଜିଏମ, ବିଭାଗୀୟ ମୁଖ୍ୟ, ସୁରକ୍ଷା ଅଧିକାରୀ, କେନ୍ଦ୍ରୀୟ ସୁରକ୍ଷା କମିଟିର ସଦସ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ଉଲ୍ଲେଖନୀୟ, ଚଳିତ ବର୍ଷର ସୁରକ୍ଷା ସପ୍ତାହ ପାଳନର ବିଷୟବସ୍ତୁ ହେଉଛି ‘ସୁରକ୍ଷା ବୃଦ୍ଧି ନିମନ୍ତେ ଲୋକଙ୍କୁ ନିୟୋଜିତ କରିବା ସହ ସେମାନଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିବା’। ସମାବେଶକୁ ସମ୍ବୋଧିତ କରି, ଡିଆଇସି କାରଖାନାର ସମସ୍ତ କାର୍ଯ୍ୟରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ବୋଲି କହିଥିଲେ। ସେ ଆହୁରି କହିଥିଲେ, ଯେକୌଣସି ବ୍ୟକ୍ତି କାରଖାନାରେ ପ୍ରବେଶ କରିବ ସେ ନିର୍ଭୀକ ଏବଂ ଆତ୍ମବିଶ୍ୱାସୀ ଭାବେ ଅନୁଭବ କରିବା ଉଚିତ ଏବଂ ଆମ ଶପ୍ ଫ୍ଲୋରରେ ଥିବା ସିଷ୍ଟମଗୁଡ଼ିକ ଉପରେ ବିଶ୍ୱାସ କରିବା ଉଚିତ।’ ଠିକା ଶ୍ରମିକଙ୍କ ମଧ୍ୟରେ ତାଲିମ ବ୍ୟବଧାନକୁ ଦୂର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ, ‘ସେମାନଙ୍କୁ ଶିକ୍ଷିତ ଏବଂ ସମ୍ବେଦନଶୀଳ କରିବାକୁ ପଡିବ ଯାହା ଦ୍ୱାରା ନିରାପଦ କାର୍ଯ୍ୟ ଅଭ୍ୟାସଗୁଡ଼ିକ ଆମର ଦୈନନ୍ଦିନ କାର୍ଯ୍ୟ ସଂସ୍କୃତିର ଅଂଶ ହୋଇପାରିବ।’ ସେ ଉତ୍ତମ ହାଉସ କିପିଂ ଉପରେ ମଧ୍ୟ ଗୁରୁତ୍ୱାରୋପ କରିବା ସହିତ ନିର୍ଦ୍ଦିଷ୍ଟ ଭାବେ ଜଳ ବ୍ୟବହାର ହ୍ରାସ କରିବା, ଗ୍ୟାସ୍ ଲାଇନଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ପରିବେଶ ସମ୍ବନ୍ଧୀୟ ଉପକରଣଗୁଡ଼ିକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବା ପାଇଁ ପ୍ରୟାସ କରିବା ଉପରେ ଜୋର ଦେଇଥିଲେ। ତରୁଣ ମିଶ୍ର କାରଖାନା ପରିସରରେ ପ୍ରବେଶର ଉତ୍ତମ ନିୟନ୍ତ୍ରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବି. ଆର୍. ପଲାଇ କାରଖାନାର ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବାରେ ଆଚରଣଗତ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ପାଲ ଚୌଧୁରୀ ତାଙ୍କ ବକ୍ତବ୍ୟରେ ଡିଜିଟାଲାଇଜେଶନ ଏବଂ ଠିକା ଶ୍ରମିକଙ୍କ ପାଇଁ ସୁରକ୍ଷା ବୃଦ୍ଧି ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ସମେତ ପ୍ରକଳ୍ପ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ପିଏମ୍ ଏବଂ ଡିଜିଟାଲାଇଜେଶନ ବିଭାଗର ସିଜିଏମ୍ ଆର୍. କେ. ମୁଦୁଲି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏବଂ ମାଇନ୍ସ ସିଏମ୍ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବି. କେ ଗିରି ସୁରକ୍ଷା ଶପଥ କରାଇଥିଲେ। ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ସ୍ୱାଗତ ଅଭିଭାଷଣ ଏବଂ ଏସ୍ଇଡି ବିଭାଗର ଜିଏମ୍ ଆବକାଶ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଉଦ୍‌ବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ମାହେଶ୍ୱରୀ ପୀଠରେ ଦୋଳ ଉତ୍ସବ

ଲୋଇସିଂହା,୬।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୁହୁରାପାଲି ମା' ମାହେଶ୍ୱରୀ ପୀଠରେ ଦୋଳ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମର ଡୁମାଲ ସମ୍ପ୍ରଦାୟର ଲୋକେ ପୀଠରେ ଏକତ୍ରିତ ହୋଇ ମା' ମାହେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପୀଠ କମିଟି ସଭାପତି ତଥା ଦେହୁରୀ ସୁରେନ୍ଦ୍ର ଥାଟି ପୂଜାର୍ଚ୍ଚନା କରିଥିଲେ। ପ୍ରେମାନନ୍ଦ, କୃପାସିନ୍ଧୁ, ପ୍ରଫୁଲ୍ଲ, ଜଗନ୍ନାଥ, ଜୟଲାଲ ପ୍ରମୁଖ ସହଯୋଗ କରିଥିଲେ। ନିର୍ମାଣାଧୀନ ମା' ମାହେଶ୍ୱରୀଙ୍କ ପୀଠକୁ ସମ୍ପୂର୍ଣ୍ଣ କରିବାକୁ ପୂଜା କମିଟି ତରଫରୁ ଦାବି ହୋଇଛି।

### ଦେଓଗାଁରେ ଦୋଳ ଉତ୍ସବ ପାଳିତ

ଦେଓଗାଁ,୬।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକର ୨୬ ପଞ୍ଚାୟତରେ ଦୋଳ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ସାଗରପଡାର ସଂକୀର୍ତ୍ତନ୍ୟ ଦଳର ସଦସ୍ୟମାନେ ଏକାଠି ହୋଇ ନଗର ପରିକ୍ରମା କରି ଦୋଳପର୍ବକୁ ପାଳନ କରିଥିଲେ। ଭାଲୁକୁନ୍ଦ, ସିଆଲଯୋର, ହାତୀସରା ଆଦି ଗ୍ରାମରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଫଳରେ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ପରିଚାଳକ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ସାଲେପାଲି ବରିଷ୍ଠ ନାଗରିକ ଆବାସରେ ମଧ୍ୟ ଅନ୍ତେବାସୀମାନଙ୍କ ମଧ୍ୟରେ ରଙ୍ଗର ପର୍ବ ହୋଲି ପାଳନ ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲା।

### ବିଜୁ ବାବୁଙ୍କ ଜୟନ୍ତୀ

ପାଟଣାଗଡ଼,୬।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସିସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ସ୍ଥାନୀୟ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଜିଲା ସଭାପତି ତଥା ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଅବସରରେ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ମେହେର ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ପ୍ରମୁଖ ଅବଦାନ ରହିଥିଲା ବୋଲି କହିବା ସହ ସମସ୍ତେ ମିଳିମିଶି ଏକଜୁଟ ହୋଇ ଦଳ ପାଇଁ କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଖପ୍ରାଖୋଲ, ବେଲପଡା, ପାଟଣାଗଡ଼ ବ୍ଲକ ଓ ଏନଏସିର ନୂତନ ଭାବରେ ଦଳ ପକ୍ଷରୁ ବିଭିନ୍ନ ପଦପଦବୀ ପାଇଁ ମନୋନୀତ କରାଯାଇଥିବା କର୍ମକର୍ତ୍ତାମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# 'ଅଂଶୁଘାତ ମୁକାବିଲା ପାଇଁ ସତର୍କତା ଜରୁରୀ'

ବଲାଙ୍ଗୀର,୬।୩(ବୀରେନ୍ଦ୍ର କୁମାର ଝାଙ୍କର)



ବୈଠକରେ ମଞ୍ଚାସୀନ ଅଧିକାରୀ।

**ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ**

ବଲାଙ୍ଗୀର ଜିଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ଗ୍ରୀଷ୍ମ ପ୍ରବାହ ମୁକାବିଲାକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପଟେଲ ଏବଂ ଟିଟିଲାଗଡ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଂଶୁଘାତ ଉପଶମ ଗୃହର ସୁଚାରୁ ପରିଚାଳନା ଲାଗି ଆବଶ୍ୟକ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତ ସମ୍ବନ୍ଧୀୟ ରୋଗ ପରିଚାଳନା ପାଇଁ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦେବାକୁ ନିଷ୍ପତ୍ତି ହୋଇଥିଲା। ଗାଁ ଓ ସହରରେ ପାନୀୟ ଜଳ ସୁବିଧା ସୁନିଶ୍ଚିତ କରିବା, ଜଳ ଅଭାବ ଅଞ୍ଚଳ ଚିହ୍ନଟ, ନଳକୂପ ରକ୍ଷଣାବେକ୍ଷଣ ଓ ପାଇପ ଜଳ ସରବରାହ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀବାହୀ ବସ୍‌ରେ ପାଣି ସୁବିଧା କରିବାକୁ ପରାମର୍ଶ ଦେଇଥିଲେ। ପଶୁମାନଙ୍କ ପାଇଁ ଭାଟ, ତୁଆ, ଚହଲା କରିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ବନ୍ୟପ୍ରାଣୀ ଓ ପଶୁପକ୍ଷୀଙ୍କ ପାଇଁ ପାଣି ସୁବିଧା ସୁନିଶ୍ଚିତ କରିବା, ପୋଖରୀ ଓ ଜଳାଶୟ ନିର୍ମାଣ ସହ ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ବନ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ପାଠପଢା ଓ ପରୀକ୍ଷା ଆଦି ସକାଳ ସମୟରେ ରଖିବାକୁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟ ଓ ଅଙ୍ଗନୱାଡିରେ ପିଇବା ପାଣି ସୁବିଧା କରିବା, ବିଦ୍ୟାଳୟ ଯାଉଥିବା ଛାତ୍ରୀଛାତ୍ରଙ୍କୁ ପାଣି ବୋତଲ ଦେବାକୁ ଅଭିଭାବକଙ୍କୁ ସଚେତନ କରିବାକୁ ଆଲୋଚନା ହୋଇଥିଲା। ଶ୍ରମିକଙ୍କ ସୁରକ୍ଷା ପାଇଁ କାର୍ଯ୍ୟ ନିର୍ଘଣ୍ଟ ପରିବର୍ତ୍ତନ କରାଯାଇଛି। କାର୍ଯ୍ୟସ୍ଥଳରେ ପାଣି ଓ ବିଶ୍ରାମ ସେଡ୍ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟା କାର୍ଯ୍ୟକ୍ଷମ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। ଜରୁରୀକାଳୀନ ସେବା ଯୋଗାଇବା ପାଇଁ କଣ୍ଟ୍ରୋଲ ରୁମ୍ ନମ୍ବର ୯୪୩୮୭୭୬୩୯୪/ ୦୬୬୫୨– ୨୩୦୯୬୯ ଏବଂ ହସ୍ପିଟାଲ ସହାୟତା କେନ୍ଦ୍ରର ଫୋନ ନଂ–୭୮୭୩୦୩୯୨୯୧ ଜିଲା ପ୍ରଶାସନ ଦ୍ୱାରା ଜାରି କରାଯାଇଛି। ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ଶୋଭିନ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଝରଣୀପାଲିରେ କିଶୋରୀ ମେଳା

ଲୋଇସିଂହା,୬।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର କିଶୋରୀ ଏବଂ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ। ମେଳାରେ ଅତିଥି ଭାବେ ସିଡିପିଓ ଶୁଭଶ୍ରୀ ସାହୁ, ସରପଞ୍ଚ ସୁନିତା ସାହୁ, ଅଙ୍ଗନୱାଡି ସୁପରଭାଇଜର ସତ୍ୟବ୍ରତୀ ମିଶ୍ର , ଜିଲା ଶିଶୁ ମଙ୍ଗଳ ବିଭାଗର ଜ୍ୟୋତିର୍ମୟ ମିଶ୍ର, ପିଏପିର ଅଭିଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କିଶୋରୀମାନଙ୍କ ଶିକ୍ଷା,ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଅବସରରେ କିଶୋରୀମାନଙ୍କ ମଧ୍ୟରେ ଗୀତ, ଜଣାଅଜଣା, ଝୋଟି ସମେତ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ରଶ୍ମିରେଖା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପିଏପିର ପ୍ରହଲ୍ଲାଦ ପଧାନ, ବର୍ଷା ଜୁଆଡି ପ୍ରମୁଖ ସହଯୋଗ କରିଥିଲେ।

## ଏନ୍‌ସିସି କ୍ୟାଡେଟ୍ ପ୍ରିନ୍ସ ଶର୍ମାଙ୍କୁ ସମ୍ବର୍ଦ୍ଧନା

ଟିଟିଲାଗଡ଼,୬।୨(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ ଡିଏଭି ମହାବିଦ୍ୟାଳୟରେ ପଢୁଥିବା ଯୁକ୍ତ ତିନି ଦ୍ୱିତୀୟ ଶ୍ରେଣୀର ବିଜ୍ଞାନ ଛାତ୍ର ପ୍ରିନ୍ସ ଶର୍ମା ଚଳିତବର୍ଷ ଦିଲ୍ଲୀଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସାମିଲ ହୋଇ ରାଷ୍ଟ୍ରପତିଙ୍କୁ ଅଭିବାଦନ ଦେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପ୍ରିନ୍ସ ହେଉଛନ୍ତି ଟିଟିଲାଗଡ ପୂଜକ ବ୍ରହ୍ମ ସମାଜର ସଦସ୍ୟ ସୁନିଲ ଶର୍ମା ଏବଂ ଶ୍ୟାମା ଶର୍ମାଙ୍କ ବଡ଼ ପୁଅ। ଗତ ବୁଧବାର ସନ୍ଧ୍ୟାରେ ପ୍ରିନ୍ସଙ୍କ ଘରେ ଟିଟିଲାଗଡ ପୂଜକ ବ୍ରହ୍ମ ସମାଜର ସଭାପତି ପ୍ରମୋଦ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ସଂପାଦକ ଉଦିଆ ଆଚାର୍ଯ୍ୟ, ଉପଦେଷ୍ଟା ଦେବୀ ପ୍ରସାଦ ଶର୍ମା, ସଞ୍ଜୟ ନାୟକ, ସଦସ୍ୟ ନଳିନୀ କାନ୍ତ ରଥ, ପବିତ୍ର ମିଶ୍ର, କିଶୋର ଚନ୍ଦ୍ର ଦାଶ, ରୂପକ ନାୟକ, ଶଙ୍କର ଶର୍ମା, ମାନସ ପାଣି ଓ ଅନ୍ୟ ସଦସ୍ୟମାନେ ପ୍ରିନ୍ସଙ୍କ ଘରକୁ ଯାଇ ଫୁଲତୋଡ଼ା ଓ ଉପଢୌକନ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନିଆରା ଢଙ୍ଗରେ ହୋଲି ପାଳିତ

କଣ୍ଟାବାଞ୍ଜି,୬।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଓ ଆଖପାଖ ଅଞ୍ଚଳରେ ହୋଲି ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ପଡ଼ା ବସ୍ତିରେ ରଙ୍ଗ ଖେଳ ହୋଇଥିଲେ ମଧ୍ୟ ଆଶ୍ରମପଡାରେ ନିଆରା ଢଙ୍ଗରେ ପାଳିତ ହୋଇଛି । ୱାର୍ଡ ନଂ ୧୪ ଓ ୧୫ର ଯୁବକମାନେ ପୁରୁଣା କୋର୍ଟ ପଛ ପଟେ ଥିବା ପଡ଼ିଆରେ ଏକାଠି ହୋଇ ଧୂମଧାମ୍‌ରେ ହୋଲି ପର୍ବ ପାଳନ କରିଥିଲେ। ଏହି ଅବସରରେ ଯୁବକମାନେ ବୟସ୍କମାନଙ୍କୁ ରଙ୍ଗ ବୋଳି ମିଠା ଖୁଆଇ ଆର୍ଶୀବାଦ ନେଇଥିଲେ। ବୁଧବାର ସକାଳେ ଯୁବକମାନେ ଏକ ଶୋଭାଯାତ୍ରାରେ ବାହାରି ଥିବା ବେଳେ ପରସ୍ପରକୁ କେବଳ ଅବିର ବୋଳି କୌଣସି କେମିକାଲ୍ ରଙ୍ଗ ନ ଖେଳିବାକୁ ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲାସ୍ତରୀୟ ସମୂହ ଯୋଗ ଶିବିର



ଶିବିରରେ ଉପସ୍ଥିତ ଛାତ୍ରୀମାନେ।

ବଲାଙ୍ଗୀର,୬।୩(ବୀରେନ୍ଦ୍ର କୁମାର ଝାଙ୍କର)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ସ୍ତରୀୟ ସମୂହ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ମହିଳାମାନଙ୍କ ମଧ୍ୟରେ ଶାରୀରିକ ଓ ମାନସିକ ସୁସ୍ଥତା ଜାଗ୍ରତ କରିବା ଉଦ୍ଦେଶ୍ୟ ନେଇ 'ଶକ୍ତି ସ୍ୱରୂପିଣୀ' ଥିମ୍‌ରେ ଆଜିର ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଯୋଗଭ୍ୟାସର ଗୁରୁତ୍ୱ ସମ୍ପର୍କରେ କହିବା ସହ ନାରୀଟିଏ ସୁସ୍ଥ ରହିଲେ ହିଁ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଡେପୁଟି କଲେକ୍ଟର ହରିଓମ୍ ଶମ୍ଭୁ ନାରାୟଣ ଦାଶ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ଏବଂ କ୍ରୀଡା ସଙ୍ଗଠକ ସୁମିତ ରଞ୍ଜନ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ବହୁ ସଂଖ୍ୟାରେ ଛାତ୍ରୀ ଏବଂ ମହିଳା ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ । ସୌଦାମିନୀ କାଣ୍ଡି ଓ ସୁଭଦ୍ରା ବେହେରା ମିଳିତ ଭାବେ ଯୋଗଭ୍ୟାସ କରାଇଥିଲେ । ପରାଶର ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୁ ବାବୁଙ୍କ ସ୍ମୃତିଚାରଣ

ଟିଟିଲାଗଡ଼,୬।୩(ଶରତ ମିଶ୍ର)

ଟିଟିଲାଗଡ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ଶତାଧିକ ଦଳୀୟ କର୍ମୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମବେତ ହେବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବୀର ହନୁମାନ ବ୍ୟାୟାମସ୍ଥଳସ୍ଥିତ ଦିବଂଗତ ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ଦଳୀୟ କର୍ମୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଭାରେ ଦଳୀୟ ନେତାମାନେ ଯୋଗଦେଇ ଦେଶ ପ୍ରତି ବିଜୁ ବାବୁଙ୍କ ମହାନ ଅବଦାନ ନେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଦଳର ଜିଲା କୋଷାଧ୍ୟକ୍ଷ ପ୍ରେମ ଜୈନ, ଅରୁଣ ମିଶ୍ର, ଦିଲୀପ ବାଗ, ଦେବାଶିଷ ସୌରା, ରଞ୍ଜିତ ପୃଷ୍ଟି, ରାଜେଶ ପ୍ରଧାନ, ନଗର ସଭାପତି ଶ୍ୟାମାପ୍ରସାଦ ଗରିଆ, ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ହାତୀ, ସଇଁତଲା ବ୍ଲକ ସଭାପତି ସୁବାସ ବୁଡ଼େକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସମିତି ସଭ୍ୟ ଗିରିଶ ଚନ୍ଦ୍ର ନାଗ, କାଉନସିଲର ମାନସ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ସମାଧାନ ନ ହେବାରୁ ଆଲୋଚନା ବିଫଳ

ବଲାଙ୍ଗୀର,୬।୩(ବୀରେନ୍ଦ୍ର କୁମାର ଝାଙ୍କର)

ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଜିଲା ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଟାଟା ପାୱାର ସହ ନିୟୋଜିତ ଏକ ଠିକା ସଂସ୍ଥା କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରିବା ଦିଗରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ଶ୍ରମିକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ଥାନୀୟ ଶ୍ରମ କମିଶନର କାର୍ଯ୍ୟାଳୟରେ ଶ୍ରମିକ, ଠିକାସଂସ୍ଥା ଏବଂ ଶ୍ରମ ଅଧିକାରୀଙ୍କ ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଠିକା ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ, କର୍ମଚାରୀମାନଙ୍କୁ ମାନସିକ ନିର୍ଯାତନା ଦେବା, ବେଆଇନ ଛଟେଇ ଭଳି ସମସ୍ୟା ଉପରେ ଆଲୋଚନା କରିବାକୁ ଶ୍ରମିକମାନେ ଆସିଥିଲେ। ଶ୍ରମ ଅଧିକାରୀଙ୍କୁ ସମସ୍ତ ତଥ୍ୟ ପ୍ରଦାନ ପରେ ମଧ୍ୟ ଶ୍ରମିକଙ୍କ ସମସ୍ୟାର ସମାଧାନ ନକରି ଦିନ ଗଡେଇ ଚାଲିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଶ୍ରମ ଅଧିକାରୀ ସବୁ ଜାଣି ଚୁପ ରହିଥିବା ଅଭିଯୋଗ କରି ଏହାକୁ ବିରୋଧ କରିଥିଲେ। ଶ୍ରମିକମାନଙ୍କ କୌଣସି ସମସ୍ୟାର ସମାଧାନ କରାଯାଇ ନଥିବାରୁ ଆଲୋଚନା ବିଫଳ ହୋଇଥିବା ଘୋଷଣା କରି ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦରେ ଆସନ୍ତା ୧୦ ତାରିଖରୁ ସ୍ଥାନୀୟ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ କୁହାଯାଇଛି। ଆଜିର ଆଲୋଚନାରେ ଭାରତୀୟ ମଜଦୁର ସଂଘ ବଲାଙ୍ଗୀର ଜିଲା ସମ୍ପାଦକ କାହ୍ନା ଶତପଥୀ, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ବଲାଙ୍ଗୀର,୬।୩(ବୀରେନ୍ଦ୍ର କୁମାର ଝାଙ୍କର): ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ ଏବଂ ପୌରାଧ୍ୟକ୍ଷା ଲିକା ସାହୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଜୁ ଜନତା ଦଳର ନଗର ସଭାପତି ଶମ୍ଭୁ ନାଗ, ଉପସଭାପତି ନରସିଂହ ବାଗ , ଧ୍ରୁବ ଜୁଏଡ, ସାଧାରଣ ସମ୍ପାଦକ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ବୁଲୁ ରାଉତରାୟ, ଲକ୍ଷ୍ମଣ କୁମାର ମେହେର, ଇରସାଦ ଖାନ, ବିଧୁ ଭୂଷଣ ତ୍ରିପାଠୀ, ଚନ୍ଦ୍ରମଣି ତ୍ରିପାଠୀ, ଶିବ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜୟନ୍ତୀ ସଭାରେ ବିଜୁବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ସୋସିଆଲ ମିଡିଆ ସଂଯୋଜକ ବିଭୁତି ଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଅଭିରାମ ଆଶ୍ରମରେ ଭକ୍ତ ମିଳନ ଉତ୍ସବ

ଲୋଇସିଂହା,୬।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିକଟସ୍ଥ ପଣ୍ଡରାଣୀ ଗାଁରେ ଥିବା ଶ୍ରୀ ଶ୍ରୀ ଅଭିରାମ ଆଶ୍ରମରେ ୧୧ତମ ବାର୍ଷିକ ଭକ୍ତ ମିଳନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ, ଅନ୍ନଯଜ୍ଞ, ଘୃତଯଜ୍ଞ ଆରମ୍ଭ ହୋଇ ଉଦ୍‌ଯାପିତ ହୋଇଯାଇଛି। ପୁରୀ ଜିଲାର ଶାନ୍ତିଧାମରୁ ଆସିଥିବା ବାବାଜୀ ଶେଷଦେବ ଦାସ ଓ ବାବାଜୀ ସୁମନ୍ତ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ପୁରନ୍ଦର ମଲ୍ଲିକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କନ୍ଧମୁଣ୍ଡା, ରଘୁମଣିପାଲି ଓ ପଣ୍ଡରାଣୀର କୀର୍ତ୍ତନ ଦଳ ସହ ଅଭିରାମ ଭଜନ ମଣ୍ଡଳୀର ଗୁରୁ ଭାଇ ଭଉଣୀମାନେ ନାମ ସଙ୍କୀର୍ତ୍ତନରେ ଭାଗ ନେଇଥିଲେ। ସଭାପତି ଜଗଦୀଶ ପରୁଆ, ସମ୍ପାଦକ ଡାକ୍ତର ଥାଟି, ସତ୍ୟବାନ ପରୁଆ, ବସୁଦେବ ପରୁଆ, ରମାକାନ୍ତ ସାହୁ, ପ୍ରଫୁଲ୍ଲ ଥାଟି, ଗୌରୀ ଶଙ୍କର ସାହୁ, ବାହାଦୁର ଥାଟି, ସାହାଦୁର ଥାଟି ପ୍ରମୁଖ ସହଯୋଗ କରିଥିଲେ।

## ସିକନ୍ଦରାବାଦରେ ଦାଦନ ଶ୍ରମିକ ନିଖୋଜ

ଟିଟିଲାଗଡ଼,୬।୩(ଶରତ ମିଶ୍ର)

ପେଟପାଟଣା ପାଇଁ ତେଲେଙ୍ଗାନା ରାଜ୍ୟକୁ ଯାଇଥିବା ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ନାନାଝେର ଗ୍ରାମର ଶ୍ରମିକ ବୈବସ୍ୱତ ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ଲୋକେ ଟିଟିଲାଗଡ଼ ଥାନା ସମେତ ତେଲେଙ୍ଗାନାର ମହେଶ୍ୱରମ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ନାନାଝେର ଗ୍ରାମର ବେଳଧର ନାଗଙ୍କ ପୁଅ ବୈବସ୍ୱତ (୪୭)ଙ୍କର ଦୁଇ ଝିଅ, ପୁଅ ତଥା ରୋଗାକ୍ରାନ୍ତ ସ୍ତ୍ରୀ ଅଛନ୍ତି। ପରିବାର ପ୍ରତିପୋଷଣ ପାଇଁ ସେ ପ୍ରାୟ ଦୁଇ ତିନି ବର୍ଷ ହେଲା ହାଇଦ୍ରାବାଦ ନିକଟସ୍ଥ ରାଙ୍ଗାରେଡ୍ଡୀ ଜିଲା ଅଞ୍ଚଳକୁ ଯାଇ ମଝିରେ ମଝିରେ ଘରକୁ ଆସୁଥିଲେ। ତେବେ ବର୍ତ୍ତମାନ ତାଙ୍କ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇ ପଡିଥିବାରୁ ଗତ ମାସ ୨୬ ତାରିଖରେ ସେ ଘରକୁ ଆସିବା ପାଇଁ ସିକନ୍ଦରାବାଦ ଷ୍ଟେଶନକୁ ଆସିଥିଲେ। ସେଠାରେ ଥିବା ଟିଟିଲାଗଡ଼ ଅଞ୍ଚଳର ଜଣେ ସାଙ୍ଗକୁ ସେ ଯିବାକୁ ଥିବା ଟ୍ରେନ କେଉଁ ପ୍ଲାଟଫର୍ମରେ ଲାଗୁଛି ବୋଲି ଫୋନ କରି ପଚାରିଥିଲେ। ଘରକୁ ମଧ୍ୟ ଫୋନ କରି ସେ ଆସୁଥିବା ଖବର ଦେଇଥିଲେ। ହେଲେ ସେ ଘରକୁ ଫେରି ନାହାନ୍ତି। ତାଙ୍କ ଫୋନ ମଧ୍ୟ ସ୍ୱିଚ୍ ଅଫ୍ ରହିଛି। ପରିବାର ଲୋକେ ବହୁ ଖୋଜାଖୋଜି ପରେ ନ ପାଇବାରୁ ସେଠାକାର ଥାନା ଏବଂ ଟିଟିଲାଗଡ଼ ଥାନାକୁ ଜଣାଇଛନ୍ତି। ଘରେ ସ୍ତ୍ରୀ ଏବଂ ତିନି ସନ୍ତାନ ବୈବସ୍ୱତଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ଦାଦନ ଖଟିବାକୁ ଯାଇ ଅନେକ ସମୟରେ ଶ୍ରମିକମାନେ ନିର୍ଯାତନାର ଶିକାର ହେଉଥିବାରୁ ପରିବାର ଲୋକେ ଭୟଭୀତ ହୋଇପଡିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ଆଇନଜୀବୀ ବୀରେନ୍ଦ୍ର ବାଗ ଏନେଇ ଚିନ୍ତା ପ୍ରକଟ କରିଛନ୍ତି। ଏ ଦିଗରେ ପ୍ରଶାସନ ଯଥାଶୀଘ୍ର ବିହିତ ପଦକ୍ଷେପ ନେବା ସହ ଟିଟିଲାଗଡ଼ ଅଞ୍ଚଳର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଗାଁରେ କର୍ମ ନିଯୁକ୍ତି ପ୍ରଦାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# 'ଓଡ଼ିଶାକୁ ସମ୍ବଳହୀନ କରିବା ଷଡ଼ଯନ୍ତ୍ର ଚାଲିଛି'

ବଲାଙ୍ଗୀର,୬।୩(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ସାମାଜିକ କାର୍ଯ୍ୟକର୍ତ୍ତା।

**■ ବଲାଙ୍ଗୀରରେ ଲୋକ ଅଧିକାର ଯାତ୍ରା**

**■ ଗନ୍ଧମାର୍ଦ୍ଦନରୁ ଦେଓମାଳି ଓଡ଼ିଶାର ଆରାବଳିକୁ ସୁରକ୍ଷା ଜରୁରୀ**

ସ୍ୱାଧୀନତା ପରଠାରୁ ଓଡ଼ିଶା ବିକାଶ ନାଁରେ କେବଳ ପ୍ରାକୃତିକ ସମ୍ପଦ ଲୁଟ୍ ଚାଲିଛି। ରପ୍ତାନି ଭିତ୍ତିକ ପ୍ରାକୃତିକ ସମ୍ପଦ ଲୁଟ୍ ଯୋଗୁ ଓଡ଼ିଶା ଆଜି ବି ଗରିବ ରାଜ୍ୟ ଭାବେ ଗଣା ହେଉଛି। ଏହି ଧାରା ଆଗକୁ ଜାରି ରହିଲେ ଆଉ ମାତ୍ର ଅଳ୍ପ କିଛି ବର୍ଷ ପରେ ରାଜ୍ୟ ପ୍ରାକୃତିକ ସମ୍ପଦହୀନ ହୋଇଯିବ ଏବଂ ଓଡ଼ିଶାବାସୀ ଯେଉଁ ଗରିବକୁ ସେଇ ଗରିବ ରହିଥିବେ। ଏହି ଷଡ଼ଯନ୍ତ୍ରର ଧାରାକୁ ବ୍ୟାହତ କରିବାକୁ ହେଲେ ଅବିଚାରିତ ଖଣି ଲୁଟ୍‌କୁ ରୋକିବାକୁ ହେବ । ଓଡ଼ିଶାର ଜନସାଧାରଣ ଏହି ଲୁଟକୁ ରୋକିପାରିବେ ବୋଲି ଗ୍ରୀନ ନୋବେଲ ବିଜେତା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ସାମାଜିକ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଆୟୋଜିତ ଏକ ଆଲୋଚନା ସଭାରେ ପ୍ରକାଶ କରିଛନ୍ତି।

ପ୍ରାକୃତିକ ସମ୍ପଦର ସୁରକ୍ଷା ନିମନ୍ତେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରୁ ବାହାରିଥିବା ଲୋକ ଅଧିକାର ଯାତ୍ରା ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀରରେ ପହଞ୍ଚିଥିଲା। ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଜନଆନ୍ଦୋଳନ କର୍ମୀ ସତ୍ୟ ବନଛୋରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପରିବେଶବିତ୍ ସାମନ୍ତରା ଗନ୍ଧମାର୍ଦ୍ଦନରୁ ଦେଓମାଳି ପର୍ବତଶୃଙ୍ଖଳାକୁ ଓଡିଶାର ଆରାବଳି ବୋଲି କହିବା ସହ ଏହାକୁ ବଞ୍ଚାଇବା ନିମନ୍ତେ ଓଡ଼ିଶାରେ ଜନମତ ଜାଗ୍ରତ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ପୂର୍ବଘାଟ ପର୍ବତମାଳାର ଏହି ଅଞ୍ଚଳରେ ୫୬ ପ୍ରତିଶତ ବକ୍ସାଇଟ ରହିଛି। ଏହି କାରଣରୁ ଏଠାରୁ ଚିରସ୍ରୋତା ନଦୀମାନ ବାହାରିଛି। ଏହି ପାହାଡ ଖୋଳା ହେବା ଅର୍ଥ ବରଗଡ଼ ଠାରୁ ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଜିଲା ପର୍ଯ୍ୟନ୍ତ ମରୁଭୂମି ପାଲଟିଯିବ। ବଲାଙ୍ଗୀର ଜିଲାର ସାଲେପାଲି ଅଞ୍ଚଳରେ ଖଣି ଖନନ ହେଲେ ମଣିଷ, ପଶୁ, ପକ୍ଷୀ ସମସ୍ତଙ୍କର କ'ଣ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ଓଡ଼ିଶା ସରକାରଙ୍କ ଇକୋନୋମିକ ସର୍ଭେ ରିପୋର୍ଟ ଅନୁସାରେ ଓଡିଶାରେ ଥିବା ଲୁହାପଥର ୨୦୮୦ ମସିହା ସୁଦ୍ଧା ସମାପ୍ତ ହୋଇଯିବ। ସେହିଭଳି କୋଇଲା ଓ କ୍ରୋମାଇଟ ୨୧୨୦ ମସିହା ଭିତରେ ସରିଯିବ। ବର୍ତ୍ତମାନ ଆହୁରି ୪୯ଟି ଖଣି ନିଲାମ ଦିଆଯିବାର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଯଦି ଏଭଳି ଚାଲେ, ତେବେ ଓଡ଼ିଶା ଖୁବ୍ ଶୀଘ୍ର ସମ୍ବଳହୀନ ହୋଇଯିବ କହିଥିଲେ। ଗାନ୍ଧୀବାଦୀ ନେତା ଡା. ବିଶ୍ୱଜିତ୍ ତାଙ୍କ ବକ୍ତବ୍ୟରେ ଖଣି, ପାଣି, ଜଙ୍ଗଲ ଓ ଜମି ଭଳି ପ୍ରାକୃତିକ ସମ୍ପଦର ଅବିଚାରିତ ଲୁଟ ଯଦି ଚାଲେ, ତେବେ ଓଡ଼ିଶା ମ୍ୟାନ୍‌ମାର ଭଳି ପରତ୍ୟକ୍ତ ଭୂଖଣ୍ଡରେ ପରିଣତ ହୋଇଯିବ ବୋଲି କହିଥିଲେ। ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ନେତା କଲ୍ୟାଣ ଆନନ୍ଦ ଖଣିଜ ଦ୍ରବ୍ୟ ଲୁଟ୍‌କୁ ରୋକିବାକୁ ହେବ ବୋଲି କହିଥିଲେ। ଲୋକ ଅଧିକାର ଯାତ୍ରାରେ ଯୁବନେତା ଲକ୍ଷ୍ମଣ ନାୟକ, ରାଜୀବ କୁମାର, ଗବେଷକ ସର୍ବେଶ୍ୱର ସାହୁ, ଗାନ୍ଧୀବାଦୀ ବିଜୟ ସିଙ୍ଘ, ସମଦୃଷ୍ଟିର ସୁକାନ୍ତ ପ୍ରଧାନ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ରାଷ୍ଟ୍ରୀୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ, ଗାନ୍ଧୀବାଦୀ ଲଳିତ ମୋହନ ବେହେରା, ଜୟ କିଶାନ ଆନ୍ଦୋଳନର ନେତା କିଶୋର ସାହୁ, ସୁରେନ୍ଦ୍ର ଭୁଏ, ଜୟ କିଶାନ ଆନ୍ଦୋଳନର ବରଗଡ଼ ଜିଲା ସଭାପତି ସୁଶୀଳ କୁମାର ସାହୁ, ରାଜ କିଶୋର ସୁନାନୀ ସାମିଲ ହୋଇଥିଲେ। ସଭାରେ ସାମାଜିକ କାର୍ଯ୍ୟକର୍ତ୍ତା ତ୍ରିଲୋଚନ ପୁଞ୍ଜି ଉପସ୍ଥିତ ଥିଲେ। ଏହି ସଭାରେ ବଲାଙ୍ଗୀରର ବହୁ ବୁଦ୍ଧିଜୀବୀ ଓ ପରିବେଶପ୍ରେମୀ ଉପସ୍ଥିତ ଥିଲେ।

# ସମବାୟ ଏକ ଉନ୍ନତ ସୁବର୍ଣ୍ଣପୁର ଗଠନ କରିବ

**ସୋନପୁର,୬।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ କଳାପଥର ସ୍ଥିତ ଆରଏମ୍‌ସି ସମ୍ମିଳନୀ କକ୍ଷରେ ସୁବର୍ଣ୍ଣପୁର ଜିଲାସ୍ତରୀୟ ସମବାୟ ସମିତି ସଶକ୍ତିକରଣ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ଡ. ସଞ୍ଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଡ. ତ୍ରିପାଠୀ କହିଥିଲେ ସମବାୟରୁ ସମୃଦ୍ଧି ଆସେ। ସମବାୟ ଏକ ଉନ୍ନତ ସୁବର୍ଣ୍ଣପୁର ଜିଲା ଗଠନ କରିବ। ଗ୍ରାମାଞ୍ଚଳରେ ଏକ ସଶକ୍ତ ଜୀବନ ଓ ସମୃଦ୍ଧ ଅର୍ଥନୀତି ପାଇଁ ସମବାୟ ଏକ ମାଧ୍ୟମ। ଆଗାମୀ ଦିନରେ ସମବାୟ ସମିତି ପକ୍ଷରୁ ଜିଲାରେ ଗୋ ଚାଷୀଙ୍କ ନିକଟରୁ ଦୁଗ୍ଧ ସଂଗ୍ରହ କରାଯିବ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରି ୨୦୨୭ରେ ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପହଞ୍ଚାଇବାରେ ସମବାୟ ଏକ ମାଧ୍ୟମ ହେବ ବୋଲି କହିଥିଲେ। ବୀରମହାରାଜପୁର ଆରଏମ୍‌ସି ସମ୍ପାଦକ ମନୋଜ କୁମାର ଜେନା ଯୋଗଦେଇ ସମବାୟ ସମିତି ଦ୍ୱାରା ବୁଣାକାର, ଚାଷୀ, ଦୁଗ୍ଧଚାଷୀ,



ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ଡ. ସଞ୍ଜୟ କୁମାର ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ଜିଲାସ୍ତରୀୟ ସମବାୟ ସମିତି ସଶକ୍ତୀକରଣ କାର୍ଯ୍ୟକ୍ରମ**

ମତ୍ସ୍ୟଜୀବୀ ଓ ମହିଳାଙ୍କ ଉନ୍ନତି ହୋଇପାରୁଛି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ସମବାୟ ବିଭାଗକୁ ଗୁରୁତ୍ୱ ଦେଉଛନ୍ତି। ଓଡିଶା ପ୍ରଥମ ରାଜ୍ୟ ଭାବେ ଓଡିଶା ସମବାୟ ନୀତି ୨୦୨୬ କାର୍ଯ୍ୟକାରୀ କରିଛି ବୋଲି କହିଥିଲେ। ସୋନପୁର ଉପସହକାରୀ ନିବନ୍ଧକ ବିଶ୍ୱାମିତ୍ର ସିଂ ଆଗାମୀ ଦିନରେ ସମବାୟ ସଂସ୍ଥା ଗୁଡିକୁ ଆହୁରି ସୁଦୃଢ଼ କରାଯିବ ଓ ପ୍ରତି ପଞ୍ଚାୟତରେ ପାକ୍ସ ପ୍ରତିଷ୍ଠା ପାଇଁ ସରକାରଙ୍କ ଲକ୍ଷ୍ୟ ରହିଥିବା କହିଥିଲେ। ବୀରମହାରାଜପୁର ସମବାୟ ସମିତି ନିରୀକ୍ଷକ ଶାଶ୍ୱତ ଶତପଥୀ ଓ ସୋନପୁର ସମବାୟ ସମିତି ନିରୀକ୍ଷକ ପ୍ରସନଜିତ୍ ବାରିକ୍ ଉପସ୍ଥିତ ଥିଲେ। ଏହି ଅବସରରେ ପାକ୍ସ ସମ୍ପାଦକ ଓ ଆରଏମ୍‌ସି କର୍ମଚାରୀମାନେ ନିଜର ସମସ୍ୟା ଓ ସମବାୟ କ୍ଷେତ୍ରରେ କିଭଳି ଆହୁରି ଉନ୍ନତି ହୋଇପାରିବ ସେ ନେଇ ନିଜର ମତ ରଖିଥିଲେ। ପରେ ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଭୁବନେଶ୍ୱର କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଅଧିକାରୀ ଓ କର୍ମଚାରୀ ସମସ୍ତେ ଦେଖିଥିଲେ। ଜିଲାର ଲକର୍ମା ଓ ବୈଦ୍ୟନାଥ ପାକ୍ସ ପରିଚାଳିତ ଧାନମଣ୍ଡିର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଶାହ ଭିଡିଓ କନଫେରେନ୍ସିଂ ଯୋଗେ ଲୋକାର୍ପଣ କରିଥିଲେ। ଲକ୍ଷ୍ମଣ ବାଙ୍କ, ଦସ୍ତଗୀ ଖାନ ଓ ଆରଏମ୍‌ସିର କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ସମବାୟ ସମିତିର ସମ୍ପାଦକ, ଆରଏମ୍‌ସି କର୍ମଚାରୀ, ସମବାୟ ବିଭାଗର କର୍ମଚାରୀ ଓ କଳାପଥର ପାକ୍ସ କର୍ମଚାରୀ ମାନେ ସମାରୋହରେ ଉପସ୍ଥିତ ଥିଲେ।

# ସାଇବର ଥାନା, ଲଛିପୁର ଥାନା କୋଠା ଉଦ୍‌ଘାଟିତ


ସୁବର୍ଣ୍ଣପୁରରେ ସାଇବର ଥାନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜନସାଧାରଣ ।

**ସୋନପୁର,୬।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରରେ ନୂତନ ଭାବେ ସାଇବର ଥାନା(ସିସି ଏଣ୍ଡ ଇଓ) ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସେହିପରି ନବନିର୍ମିତ ଲଛିପୁର ଥାନା କୋଠାକୁ ମଧ୍ୟ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଭିଡିଓ କନଫେରେନ୍ସିଂ ଯୋଗେ ଲୋକାର୍ପଣ କରିଛନ୍ତି। ସୁବର୍ଣ୍ଣପୁର ଓ ଲଛିପୁରରେ କେନ୍ଦ୍ରମନ୍ତ୍ରୀ ଶାହଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ବ୍ୟବସ୍ଥା ହୋଇଥିଲା। ସୁବର୍ଣ୍ଣପୁର ସାଇବର ଥାନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଏସ୍‌ପି ନାରାୟଣ ନାୟକ, ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଭାଜପା ଜିଲା ସଭାପତି ବେଣୁଧର ଦାଶ, ଅତିରିକ୍ତ ଏସ୍‌ପି ପ୍ରତାପ କୁମାର ରଣା, ଡିଏସ୍‌ପି ଚନ୍ଦ୍ରଶେଖର ଶବର, ବୈକୁଣ୍ଠ ବିହାରୀ ସେଠ୍, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ କାହ୍ନୁ ଚରଣ ମାରାଣ୍ଡି, ପବ୍ଲିକ୍ ପ୍ରୋସିକ୍ୟୁଟର, ସୋନପୁର ଆଇଆଇସି ଯାଦବ ବାଗ ଓ ସହରର ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ। ପୁରୁଣା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଏହି ଥାନା କାର୍ଯ୍ୟକ୍ଷମ ହେବ। ଡିଏସ୍‌ପି ସୁନିତା ପ୍ରଧାନ ଓ ଇନିସପେକ୍ଟର ସୁଜାତା ବୁଡେକ୍ ସାଇବର ଥାନା ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି। ସେହିପରି ସାଢେ ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ଲଛିପୁର ଥାନା କୋଠାକୁ କେନ୍ଦ୍ରମନ୍ତ୍ରୀ ଶାହା ଉଦ୍‌ଘାଟନ କରିଥିଲେ। ଲଛିପୁର କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି କେ କେ ହରିପ୍ରସାଦ, ଡିଏସ୍‌ପି ରେଣୁକା ସୁନା, ବିନିକା ଆଇଆଇସି ସତ୍ୟ ନାରାୟଣ ପ୍ରଧାନ, ଲଛିପୁର ଆଇଆଇସି ଯଯାତି କେଶରୀ ସାହୁ ଓ ସରକାରୀ ଓକିଲ ବଳଦେବ ପ୍ରଧାନ ଉପସ୍ଥିତ ଥିଲେ।

# ଡୁଙ୍ଗୁରିପାଲି ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

**ଡୁଙ୍ଗୁରିପାଲି,୬।୩(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ଧରିତ୍ରୀ ଖବରଦାତା ଦୀନବନ୍ଧୁ ସୁନାଙ୍କ ପିତା ସନମତ ସୁନା (୮୯)ଙ୍କ ଗୁରୁବାର ସନ୍ଧ୍ୟା ୭ଟାରେ ପରଲୋକ ହୋଇଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ନିଜ ଘରେ ଦୀର୍ଘ ଦିନହେବ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ମଝିଆ ପୁଅ କୁମର ସୁନା।, ସାନ ପୁଅ ଦୀନବନ୍ଧୁ ସୁନା, ଝିଅ ଭାନୁମତି, ବୋହୂ କୌଶଲ୍ୟା, ନାତୁଣୀ ପ୍ରିୟଙ୍କା, ପୂଜା, ମହିମା, ସ୍ୱପ୍ନା, ମୁସ୍କାନ, ଆକାଶୀ, ବବଲୀ, ନାତି ଜିତୁ, ମିଟୁ, ଆକାଶ, ମନୋଜ, ସୁବଳ, ସୁରେଶ, ରାଜିନ, ପୁତୁରା ପୁଅ, ଗିରି, ବରୁଣ, ମହେଶ୍ୱର, କୁବେର, ବିଷ୍ଣୁ, ଭଗବାନ, ମହାକୁର, କ୍ଷେତ୍ରୀ ଓ ଆତ୍ମୀୟ ସ୍ୱଜନ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଶୁକ୍ରବାର ଗାଁ ଅଙ୍ଗନଦୀତଟ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମଝିଆ ପୁଅ କୁମର ମୁଖାଗ୍ନି ଦେଇଥିଲେ। ଶ୍ମଶାନ ଘାଟରେ ଚଉତୁରା ଦୀପ, ଲାଲଜୀ ଦୀପ, ରାଜୁ ମେହେର, ଆଶାରାମ ବାଗ, ଆମରସିଂ କୁମ୍ଭାର, ରୋହିତ କୁମ୍ଭାର,ବଳରାମ ସୁନା ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ସ୍ୱର୍ଗତ ସନମତ ସୁନା ଦିଗଶିରା ଭିଲେଜ କମିଟିର ପୂର୍ବତନ ସଭାପତି, ଗାଁର ଐତିହାସିକ ପରମ୍ପରା କୈଳାସୀ ଯାତ୍ରା ମହୋତ୍ସବର ସଭାପତି, ଦିଗଶିରା ସ୍କୁଲର ସଭାପତି ମଧ୍ୟ ଥିଲେ। ତାଙ୍କ ସମୟରେ ଡୁଙ୍ଗୁରିପାଲି ଅଞ୍ଚଳ,ଦିଗଶିରାର ବିଭିନ୍ନ ସାମୂହିକ କାର୍ଯ୍ୟରେ ସେ ସାମିଲ ହୋଇ କରିଥିବା ଜନହିତକର କାମକୁ ସ୍ମୃତିଚାରଣ କରାଯାଇଥିଲା। ସେ ଜଣେ ମିଷ୍ଟଭାଷି,ପରୋପକାରୀ, ମେଳାପୀ, ସମାଜସେବୀ, ସମାଜକାମରେ ସବୁବେଳେ ବ୍ରତୀ ବ୍ୟକ୍ତି ଥିଲେ।


ସନମତ ସୁନା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଠିକାଦାର ସଂଘର ସ୍ମାରକପତ୍ର



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକାଦାର ସଂଘର କର୍ମକର୍ତ୍ତାମାନେ।

**ସୋନପୁର,୬।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଠିକାଦାର ସଂଘ ପକ୍ଷରୁ ୮ ଦଫା ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଗତ ଜାନୁଆରୀ ୩ ତାରିଖରେ କାର୍ଯ୍ୟ ବିଭାଗର ସର୍କୁଲାରକୁ ବାତିଲ କରିବା, ସର୍ବନିମ୍ନ ଟେଣ୍ଡର ମୂଲ୍ୟ ୦.୦୦% ତଳେ ଉଦ୍ଧୃତ ହେବ ନାହିଁ ବୋଲି ଆଇନଗତ ବ୍ୟବସ୍ଥା, ଗୋଟିଏ ରାଜ୍ୟ–ଗୋଟିଏ ଆଇନ ନୀତି ଉପରେ ଆଧାରିତ ସମାନ କାର୍ଯ୍ୟଦକ୍ଷତା ମାନଦଣ୍ଡର କାର୍ଯ୍ୟାନ୍ୱୟନ, ସଂକ୍ଷିପ୍ତ ଟେଣ୍ଡର ଆହ୍ୱାନ ନୋଟିସ(ଏଫ୨) ଅନୁଯାୟୀ ସର୍ବାଧିକ ଟେଣ୍ଡର ମୂଲ୍ୟ ୫ଲକ୍ଷରୁ ୧୦ଲକ୍ଷକୁ ବୃଦ୍ଧି ଆଦି ଦାବି ଏଥିରେ ଅନ୍ତର୍ଭୁକ୍ତ ରହିଛି। ଏହି ଦାବି ଗୁଡିକର ସ୍ଥାୟୀ ସମାଧାନ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଅନୁରୋଧ କରାଯାଇଛି। ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ନାରା ବାଜି କରିଥିଲେ। ସଂଘର ସଭାପତି ଜୟମାଧବ ମିଶ୍ର, ସମ୍ପାଦକ କୁଶ ସାହୁ, ଜୟରାମ ପୂଜାରୀ, ସନ୍ତୋଷ ମିଶ୍ର, ଉପସଭାପତି ରାମ ନାରାୟଣ ମିଶ୍ର, ସୁମିତ ପୂଜାହାରୀ, ସହ ସମ୍ପାଦକ ରାମକୃଷ୍ଣ ଦାସ, ମନୋଜ ପୁରୋହିତ, ଅମୀୟ ଦାଶ, ଶବି ନାରାୟଣ ବହିଦାର, ସୁଧୀର ପଣ୍ଡା ଓ ସର୍ଜନ ବାରିକ୍ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ବିନିକାରେ ସାମାଜିକ ସଦ୍‌ଭାବନା ବୈଠକ

**ବିନିକା,୭।୩(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଶିଶୁମନ୍ଦିର ପ୍ରାଙ୍ଗଣରେ ଗୁରୁବାର ସନ୍ଧ୍ୟାରେ ସଦଭାବନା ପ୍ରମୁଖ ସୁଶାନ୍ତ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ସାମାଜିକ ସଦଭାବନା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଶିଷ କୁମାର ମଣ୍ଡଳ, ମୁଖ୍ୟବକ୍ତା ସନ୍ତୋଷ କୁମାର ରଥ, ସମ୍ମାନିତ ଅତିଥି, ଜିଲା ସଂଯୋଜକ ଧର୍ମେନ୍ଦ୍ର ବଡ଼ମାଳୀ ଯୋଗଦେଇ ସମାଜର ମଙ୍ଗଳ ପାଇଁ ସମାଜରେ ହେଉଥିବା କୁସଂସ୍କାର ଜାତିପ୍ରଥା ଦୂର, ସ୍ୱଚ୍ଛତା, ବୃକ୍ଷ ରୋପଣ ଉପରେ ଆଲୋକପାତ କରିଥିଲେ। ଡମ୍ବରୁଧର ମେହେର ମଞ୍ଚ ପରିଚାଳନା କରିଥିଲେ। ଅଶୋକ ମେହେର ଧନ୍ୟବାଦ ଦେଇଥିଲେ। ବ୍ଲକର ସମସ୍ତ ଜାତି ସମାଜ ପ୍ରତିନିଧି ଯୋଗଦେଇଥିଲେ।

# ଭାଜପା ଭ୍ରମାତ୍ମକ କଥା କହି କ୍ଷମତାକୁ ଆସିଛି

**ବୀରମହାରାଜପୁର,୬।୩(ଯୁଗଳ କିଶୋର ମିଶ୍ର)**

**୨୦୨୯ରେ କ୍ଷମତାକୁ ଆସିବ କଂଗ୍ରେସ- ଅରବିନ୍ଦ ଦାସ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଶୁକ୍ରବାର ରାଜ୍ୟ କଂଗ୍ରେସ ମିଡିଆ ସେଲ ମୁଖ୍ୟ ଅରବିନ୍ଦ ଦାସ ଏକ ଖବରଦାତା ସମ୍ମିଳନୀ ଜରିଆରେ ଶାସକ ଭାଜପାକୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମିଛ ଏବଂ ଭ୍ରମାତ୍ମକ କଥା କହି ଭାଜପା କ୍ଷମତାକୁ ଆସିଛି। ରାଜ୍ୟରେ ଖଣି ଓ ବାଲି ଚୋରି କରି ଓଡିଶାକୁ କାଙ୍ଗାଳ କରିବାକୁ ଯାଉଛନ୍ତି, ଯାହା ଫଳରେ ୨ଲକ୍ଷ କୋଟି ଟଙ୍କାର ରାଜସ୍ୱ ରାଜ୍ୟ ସରକାର ହରାଉଛନ୍ତି। ଭାରତ ବର୍ଷ ବିକାଶରେ କଂଗ୍ରେସର ଯୋଗଦାନ ରେଳ, ଉଡାଣ, ଓ ଟେଲିକମ,ଆଇଆଇଏମ ଓ ଜଳସେଚନ ସବୁ କଂଗ୍ରେସ ସରକାର ଅମଳର କାର୍ଯ୍ୟ। ସୋସିଆଲ ମିଡିଆରେ କଂଗ୍ରେସକୁ ଗାଳି କରିବା, ପୁରୁଣା ପ୍ରକଳ୍ପରେ ରଙ୍ଗ ମାରିବା ଛଡା ଡବଲ ଇଞ୍ଜିନ ସରକାର ଆଉ କଣ କରିଛି କି ବୋଲି ପ୍ରଶ୍ନ କରିଥିଲେ। କଂଗ୍ରେସ ନେତା ତଥା ଲୋକସଭା ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଚାରି ହଜାର କିଲୋମିଟର ପଥ ଯାତ୍ରା କରି ସଚେତନତା କାର୍ଯ୍ୟକ୍ରମ କରିଛନ୍ତି ଯାହା ଭାରତର କୌଣସି ନେତା କରିନାହାନ୍ତି ବୋଲି କହିଥିଲେ। ସେଭଳି ଭାବରେ ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସର ସଙ୍ଗଠନକୁ ତୃଣମୂଳସ୍ତରରେ ମଜବୁତ କରି ଆନ୍ଦୋଳନକୁ ଓହ୍ଲାଇ ସାଧାରଣ ଲୋକଙ୍କୁ ଉଜାଗର କରିବା ସହିତ ପଞ୍ଚାୟତ ଓ ୨୦୨୯ ସାଧାରଣ ନିର୍ବାଚନରେ ଦଳକୁ କ୍ଷମତାସୀନ କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଯାହା ସୁବର୍ଣ୍ଣପୁର ଜିଲାରୁ ଆରମ୍ଭ ହୋଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ପ୍ରିୟବ୍ରତ ସାହୁ, ସାମନ୍ତ ପାତ୍ର, ଲୁଡୁରପଙ୍କ ସରପଞ୍ଚ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଆଡଭୋକେଟ୍ ଛବିଲ କୁମାର କର୍ଣ୍ଣ ସାମିଲ ହୋଇଥିଲେ।



ବୀରମହାରାଜପୁରରେ ରାଜ୍ୟ କଂଗ୍ରେସ ମିଡ଼ିଆ ସେଲ ମୁଖ୍ୟ ଅରବିନ୍ଦ ଦାସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ବିନିକା, ୬।୩( ରାମଗୋପାଳ ବାଘ )**

ସୁବର୍ଣ୍ଣପୁର ଜିଲା ବିନିକା ସହରର ୱାର୍ଡ ୯ ଗଡ଼ଭିତରରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହର ଗଡ଼ଭିତରରୁ ଘଣ୍ଟଶଙ୍ଖ ମୃଦୁଙ୍ଗ ବଜାଇ କଳସ ଶୋଭାଯାତ୍ରା କରାଯାଇଛି। ଶତାଧିକ ପୁରୁଷ ଓ ମହିଳା ବାହାରି ବନ୍ଧପଡା ଘାଟରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାପାଠ କରିବା ପରେ ଚିରସ୍ରୋତା ମହାନଦୀରେ କଳସରେ ପାଣି ବୁଡ଼ାଇ ସହର ପରିକ୍ରମା କରିବା ସହ ଗଡ଼ଭିତର ହନୁମାନ ମନ୍ଦିର ସମ୍ମୁଖରେ କଳସ ସ୍ଥାପନ କରାଯାଇଥିଲା। ଦୀର୍ଘ ୩ଦିନ ପର୍ଯ୍ୟନ୍ତ ମହା ଆଡମ୍ବରରେ ପାଳିତ ହେବ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ। ଏଥିପାଇଁ ସହର ଉତ୍ସବ ମୁଖର ହୋଇପଡିଛି।


ବିନିକା ଗଡଭିତର ହନୁମାନ ମନ୍ଦିର ପ୍ରତିଷ୍ଠା କଳସ ଯାତ୍ରାରେ ସାମିଲ ଶ୍ରଦ୍ଧାଳୁ।

# ଲୋକ ମହୋତ୍ସବ ମାଲେଶ୍ରୀ କମିଟିର ବୈଠକ

**ବୀରମହାରାଜପୁର,୬।୩(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଦନଠାରେ ଶୁକ୍ରବାର ସନ୍ଧ୍ୟାରେ ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଥିବା ମାଲେଶ୍ରୀ ମଣ୍ଡପଠାରେ ଶୁଭସ୍ତମ୍ଭ ସ୍ଥାପନ ହେବ ବୋଲି ସ୍ଥିର କରାଯାଇଛି। ଏଣୁ ଏହି କାର୍ଯ୍ୟକ୍ରମରେ କମିଟି ସମସ୍ତ ସଦସ୍ୟ ଉପସ୍ଥିତ ରହିବାକୁ କମିଟିର ଅଧ୍ୟକ୍ଷ ଅନୁରୋଧ କରିଛନ୍ତି। ଏହା ସହିତ ମାର୍ଚ୍ଚ ୨୦ରୁ ୨୩ ପର୍ଯ୍ୟନ୍ତ ୪ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏଣୁ ସମସ୍ତ ସବକମିଟିର କର୍ମକର୍ତ୍ତା କ'ଣ କାର୍ଯ୍ୟ କରିଛନ୍ତି ତା'ର ସମୀକ୍ଷା କରିବା ସହିତ ଯେଉଁ କମିଟିର କାର୍ଯ୍ୟ ପଛରେ ପଡ଼ିଛି ତା'ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପ୍ରତ୍ୟେକ ସନ୍ଧ୍ୟା ପାଞ୍ଚଟାରେ ମୈତ୍ରୀ ସଦନଠାରେ କମିଟିର ବୈଠକ ଅନୁଷ୍ଠିତ ହେବ। ଏହାର ସମୀକ୍ଷା କମିଟିର ଅଧ୍ୟକ୍ଷ ତଥା ବୀରମହାରାଜପୁର ଉପଜିଲାପାଳ କରିବେ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ୧୭ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସମସ୍ତ କମିଟି ଓ ସଦସ୍ୟମାନଙ୍କ ସହିତ ଯୋଗାଯୋଗ କରି କାର୍ଯ୍ୟ କରିବେ ବୋଲି ଉପଜିଲାପାଳ କହିଛନ୍ତି। ଏହା ସହିତ ଅର୍ଥ, ସାଂସ୍କୃତିକ କମିଟି, ଷ୍ଟେଟ ମେନେଜମେଣ୍ଟ କମିଟି ସହିତ ବିଭିନ୍ନ କମିଟି ଉପରେ ଆଲୋଚନା ହୋଇଥିଲା।


ମାଲେଶ୍ରୀ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ କମିଟି ସଦସ୍ୟ।

**ଆଜି ଶୁଭସ୍ତମ୍ଭ ସ୍ଥାପନ**

ବିଶେଷ ଭାବରେ ଚଳିତବର୍ଷ ସ୍ମରଣିକାକୁ ପ୍ରଥମ ଦିନ ପ୍ରକାଶ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଆଜିର ବୈଠକରେ ସାଂସ୍କୃତିକ କମିଟିର ମୁଖ୍ୟ ତଥା ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ସମ୍ପାଦକ ତଥା ବିଡ଼ିଓ ରାଜୀବ କୁମାର ହାଁସଦା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ତଥା ଡେପୁଟି କଲେକ୍ଟର ଶୁଭମ ଶିବାଶିଷ ଶତପଥୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, କମିଟିର ସହ ସମ୍ପାଦକ ତଥା ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା, ଏମପି ନମିନି ନଳିନୀ ପଣ୍ଡା, ବରିଷ୍ଠ ସଦସ୍ୟ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଭୁଷଣ କୁମାର ପାତ୍ର, ସ୍ମରଣିକା କମିଟିର ମୁଖ୍ୟ ଡ଼ ଦ୍ୱିତୀକୃଷ୍ଣ ପଣ୍ଡା, ରାମକୃଷ୍ଣ ହୋତା, ସୁମନ୍ତ ଜଗଦଲା, ଅକ୍ଷୟ କୁମାର ମିଶ୍ର, ଅକ୍ଷୟ କୁମାର ରାଏ, କିଶୋର କୁମାର ହୋତା, ଜିତେନ୍ଦ୍ରିୟ ଦାସ, ମେଘନାଦ ଭୋଇଙ୍କ ସମେତ ଅନେକ ସଦସ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ କମିଟିର ସଂଯୋଜକ ଯୁଗଳ କିଶୋର ମିଶ୍ର ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଜ୍ୟ ପାଉଁଶ ଯୋଗୁ ପରିବେଶ ସଙ୍କଟ

## ନୂଆ ଏସ୍‌ଓପିକୁ ନେଇ ସରକାରଙ୍କ ଉପରେ ବର୍ଷିଲେ ରୋହିତ ପୂଜାରୀ

ସମ୍ବଲପୁର,୬।୩(ପ୍ରମୋଦ ବହିଦାର)

ପଶ୍ଚିମ ଓଡ଼ିଶାରେ ବୃଦ୍ଧି ପାଉଥିବା ବର୍ଜ୍ୟ ପାଉଁଶ ଜନିତ ପ୍ରଦୂଷଣ ବର୍ତ୍ତମାନ ଏକ ଭୟଙ୍କର ପରିବେଶଗତ ସଙ୍କଟ ସୃଷ୍ଟି କରିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ଗୁରୁତର ଅଭିଯୋଗ କରିଛନ୍ତି। ସାକ୍ଷୀପଡ଼ାସ୍ଥିତ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୂଜାରୀ ଭାଜପା ସରକାରଙ୍କ ନୂତନ ଏସ୍‌ଓପି(ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର) ପ୍ରଣୟନକୁ ନେଇ ବର୍ଷିଛନ୍ତି। ସେ କହିଛନ୍ତି, ନୂତନ ଏସ୍‌ଓପି ଯୋଗୁ ପଶ୍ଚିମ ଓଡ଼ିଶାର ବିଶେଷକରି ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା ବର୍ତ୍ତମାନ ପ୍ରଦୂଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ରାଜ୍ୟର ବିଦ୍ୟୁତ୍ ଶକ୍ତିର ପ୍ରକୃତ ଆବଶ୍ୟକତା ମାତ୍ର ୭ହଜାର ମେଗାୱାଟ୍ ହୋଇଥିବାବେଳେ ଓଡ଼ିଶାରେ ପ୍ରାୟ ୧୨ହଜାର ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେଉଛି। ସେଥିମଧ୍ୟରୁ ପ୍ରାୟ ୭୫ ପ୍ରତିଶତ ବିଦ୍ୟୁତ୍ ଶକ୍ତି କେବଳ ପଶ୍ଚିମ ଓଡ଼ିଶାର ଏହି ତିନୋଟି ଜିଲାରୁ ଉତ୍ପାଦନ ହୋଇ ଅଞ୍ଚଳର ପରିବେଶ ବିପନ୍ନ ହେଉଛି। ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ବାହାରୁଥିବା ବାର୍ଷିକ ୧୬ ନିୟୁତ ଟନ୍ ବର୍ଜ୍ୟ ପାଉଁଶର ଠିକ୍ ପରିଚାଳନା ପାଇଁ ସରକାରଙ୍କ ନିକଟରେ ଠିକ୍ ଭିତ୍ତିଭୂମିର ଅଭାବ ରହିଛି। ଫଳରେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରୁ ଉଦ୍‌ବୃତ୍ତ ବର୍ଜ୍ୟ ପାଉଁଶକୁ ବେଆଇନ ଭାବେ ଚାଷଜମି, ଜଙ୍ଗଲଜମି, ନଦୀ ଓ ଜନବସତି ଅଞ୍ଚଳରେ ଗଦା କରାଯାଉଛି। ଏପରିକି ହୀରାକୁଦ ଜଳଭଣ୍ଡାର ଭଳି ସଂରକ୍ଷିତ କ୍ଷେତ୍ରରେ ମଧ୍ୟ ଅବାଧରେ ଗଦା କରାଯାଉଥିବା ଦେଖିବାକୁ ମିଳିଛି ବୋଲି ଇଂ. ପୂଜାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଦିଲ୍ଲୀ, ପଞ୍ଜାବ ଏବଂ ବିହାର ଭଳି ରାଜ୍ୟ ଜନସାଧାରଣଙ୍କୁ ସବ୍‌ସିଡି ବା ମାଗଣା ବିଦ୍ୟୁତ୍ ଯୋଗାଇ ଦେଉଛନ୍ତି। ମାତ୍ର ଓଡ଼ିଶାରେ ଆବଶ୍ୟକଠାରୁ ଅଧିକ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ହେଉଥିବାବେଳେ ରାଜ୍ୟବାସୀ ପ୍ରଦୂଷଣର ଶିକାର ହେଉଛନ୍ତି। ମାତ୍ର ଓଡ଼ିଶାବାସୀ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହା ବ୍ୟତୀତ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ପାଇଁ ବିଶେଷକରି ବାୟୁର ଗୁଣବତ୍ତା(ଏକ୍ୟୁଆଇ) କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଛୋଟ ପିଲାମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜାତିସଂଘ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟରେ ଏନ୍‌ଏଲ୍‌ସି କମ୍ପାନୀ ଭଳି ନୂଆ ତାପଜ ବିଦ୍ୟୁତ୍ ପ୍ରକଳ୍ପକୁ ପ୍ରୋତ୍ସାହିତ କରିବା ଓଡ଼ିଶା ସରକାରଙ୍କ ପ୍ରକୃତ ଆଭିମୁଖ୍ୟ ରହସ୍ୟଜନକ। ତେବେ ଅଞ୍ଚଳରେ ପରିବେଶଜନିତ ଏଭଳି ସଙ୍କଟର ସମାଧାନ ପାଇଁ ପୂଜାରୀ ବର୍ତ୍ତମାନର ଏସ୍‌ଓପିକୁ ତୁରନ୍ତ ବାତିଲକରିବା ସହ ବୈଜ୍ଞାନିକ ପଦ୍ଧତିରେ ପାଉଁଶ ପରିଚାଳନା ପାଇଁ ଏକ ସ୍ୱଚ୍ଛ ରୋଡ୍‌ମ୍ୟାପ୍ ପ୍ରସ୍ତୁତ, କୌଣସି ନୂତନ ତାପଜ ପ୍ରକଳ୍ପ ସ୍ଥାପନ ବା ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ରର ସମ୍ପ୍ରସାରଣକୁ ଅନୁମତି ନ ଦେବା ତଥା ନିର୍ମାଣାଧୀନ ଏନ୍‌ଏଲ୍‌ସି ପ୍ରକଳ୍ପକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଏହା ସହ ସେ ରାଜ୍ୟର ପୂର୍ବତନ ବିଜେଡି ସରକାର ପ୍ରସ୍ତୁତ କରିଥିବା ୧୦ ହଜାର ମେଗାୱାଟ୍‌ର ନବୀକରଣଯୋଗ୍ୟ ଶକ୍ତି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି। ଯଦି ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନିଅନ୍ତି, ତା'ହେଲେ ପଶ୍ଚିମ ଓଡ଼ିଶାବାସୀଙ୍କ ଜୀବନ ଜୀବିକା ସମ୍ପୂର୍ଣ୍ଣ ବିପନ୍ନ ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ତେଣୁ ଏଭଳି ପ୍ରଦୂଷଣ ସୃଷ୍ଟିକାରୀ ପ୍ରକଳ୍ପକୁ ପ୍ରୋତ୍ସାହନରୁ ରାଜ୍ୟ ସରକାର ବିରତ ନ ହେଲେ ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ତୀବ୍ର ଆନ୍ଦୋଳନ କରିବାକୁ ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବସନ୍ତ ମିଶ୍ର, ଏମ୍‌ଭି ସତ୍ୟେନ୍, ସତ୍ୟେନ୍ ଦାଶ, ସୌରୀ ନାରାୟଣ ପାଣିଗ୍ରାହୀ, ସୁବାସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାଙ୍କ ଗହଣରେ ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ।

# ମା' ସମଲେଶ୍ୱରୀଙ୍କ ପୀଠରେ ଅପବିତ୍ର କାର୍ଯ୍ୟ

ସମ୍ବଲପୁର,୬।୩(ପ୍ରମୋଦ ବହିଦାର)

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ପରିସର ଅସାମାଜିକ କାର୍ଯ୍ୟର ପେଣ୍ଠସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି। ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ଭକ୍ତି ଓ ବିଶ୍ୱାସର ପ୍ରତୀକ ମା' ସମଲେଶ୍ୱରୀଙ୍କ ପବିତ୍ର ପୀଠ ପରିସରରେ ମଦ ଓ ମାଂସର ଆସର ଭଳି ଅପବିତ୍ର କାର୍ଯ୍ୟକୁ ନେଇ ବଢ଼ିଛି ଅସନ୍ତୋଷ। ମନ୍ଦିରର ଦୀପଘର ପଛପଟେ ଥିବା ଦହନା ବଗିଚା ସଂଲଗ୍ନ ସ୍ଥାନରୁ ଶହଶହ ମଦ ବୋତଲ, ଖଲି, ଦନା, ଆମିଷ ରୋଷେଇ ପାଇଁ ଆବଶ୍ୟକ ମସଲା ହଳଦୀ ଭଳି ସାମଗ୍ରୀର ଅବଶେଷ ଓ ପ୍ୟାକେଟ୍, ମାଂସ କାଟିବା କାଠଗଣ୍ଡି, ରୋଷେଇରେ ବ୍ୟବହୃତ ଚୁଲି ଦେଖିବାକୁ ମିଳିଛି। ଚୈତ୍ର ଓ ଦଶହରା ଭଳି ପର୍ବ ସମୟରେ ଯେଉଁଠି ଲୋକେ ନିଜର ମାନସିକ ଦୀପ ପ୍ରଜ୍ୱଳନ କରିଥାନ୍ତି, ସେହି ଦୀପଘର ପାଖରେ ଏଭଳି ଅଧର୍ମ କାର୍ଯ୍ୟକୁ କେହି ସହଜରେ ଗ୍ରହଣ କରି ପାରୁନାହାନ୍ତି। ତେବେ ଆଶ୍ଚର୍ଯ୍ୟର କଥା ଯେଉଁ ଦହନା ବଗିଚାର ତୁଳସୀ ମା'ଙ୍କ ସେବା ପାଇଁ ବ୍ୟବହାର ହୁଏ, ସେହି ଅଞ୍ଚଳରେ ଉକ୍ତ ସାମଗ୍ରୀ ସବୁ ରହିଛି। ଯାହା ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନ୍ଦିର ପରିସରରେ ଚାରିଆଡ଼େ ସୁରକ୍ଷା କର୍ମୀ ମୁତୟନ ଥିବା ସତ୍ତ୍ୱେ କିଭଳି ଦିନ ଦ୍ୱିପ୍ରହରରେ ଏଠାରେ ମଦ ମାଂସର ଆସର

- ଦୀପଘର ପଛପଟେ ଜମୁଥିଲା ମଦ ମାଂସର ଆସର
- ସେବାୟତ ଓ ସୁରକ୍ଷା ସଂସ୍ଥା ମଧ୍ୟରେ ଗଣ୍ଡଗୋଳ

ଚାଲିଲା ତାହା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହ ସମଗ୍ର ସମ୍ବଲପୁରବାସୀଙ୍କ ଭାବନାକୁ ଗଭୀର ଆଘାତ ଦେଇଛି। ଲୋକେ ଏହି ଘଟଣାକୁ ତୀବ୍ର ସମାଲୋଚନା କରିବା ସହିତ ମନ୍ଦିର ପ୍ରଶାସନ ଓ ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ସଂସ୍ଥାର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ କରିଛନ୍ତି। ଏହି ଘଟଣାର ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏହାକୁ ଗମ୍ଭିରତାର ସହିତ ନେଇ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଆୟୁକ୍ତ ରେହାନ ଖତ୍ରୀ ଘଟଣାର ତଦନ୍ତ ପୂର୍ବକ ସୁରକ୍ଷା ଦାୟିତ୍ୱରେ ଥିବା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ଅନୁସନ୍ଧାନ କରୁଥିବା ଏସ୍‌ଏମ୍‌ସି ଉପାୟୁକ୍ତ ସୁଶାନ୍ତ କୁମାର ସାହୁ ଏନେଇ ସୂଚନା ଦେଇଛନ୍ତି। ଏହାସହ ସେ ପୋଲିସକୁ ମଧ୍ୟ ମନ୍ଦିର ପରିସରରେ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ଉଭୟ ମନ୍ଦିର ସେବାୟତ ଓ ସୁରକ୍ଷା ସଂସ୍ଥା ପକ୍ଷରୁ ପରସ୍ପର ଦୋଷାରୋପ ଯୋଗୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି।

# ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରେ ଜାତୀୟ ସମ୍ମାନ



ସମ୍ବଲପୁର ସହରସ୍ଥିତ ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ ଦ୍ୱିଦିବସୀୟ ଜାତୀୟ ସମ୍ମାନରେ ଅତିଥି ଓ ବକ୍ତାମାନେ।

ସମ୍ବଲପୁର,୬।୩(ବି.ଶଙ୍କର)

ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନରେ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଏବଂ ସମ୍ମାନର ନିର୍ଦ୍ଦେଶକ ପ୍ରଫେସର ଗରୁଡ଼ଧ୍ୱଜ ବାରିକ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ମଧ୍ୟପ୍ରଦେଶ ଅମରକଣ୍ଟକ ସ୍ଥିତ ଇନ୍ଦିରା ଗାନ୍ଧୀ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଏମ୍‌ଟିଭି ନାଗାରାଜୁ ମୁଖ୍ୟ ଅତିଥି, ଭୋପାଳ ମୁସ୍କାନ ନିର୍ଦ୍ଦେଶିକା ଶିବାନୀ ତନେଜା ମୁଖ୍ୟବକ୍ତା, ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରଫେସର ନିରାଧାର ଦେ, ପତଙ୍ଗ ପ୍ରତିଷ୍ଠାତା ସିଇଓ ଡ. ରୀତା ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷକ ଶିକ୍ଷା ସମ୍ପର୍କରେ, ସମସ୍ୟା ଓ ତାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନ ସଂଯୋଜିକା ସହକାରୀ ପ୍ରଫେସର ଡ.କଳ୍ପନା ରାଣୀ ଦାସ ସ୍ୱାଗତ ଅଭିଭାଷଣ ସହ ଆଲୋଚନାଚକ୍ରର ଉଦ୍ଦେଶ୍ୟକୁ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ମଧୁରିମା ଦାସ, ସମ୍ମାନର ଅନ୍ୟତମ ସଂଯୋଜକ ସହକାରୀ ପ୍ରଫେସର ବୃନ୍ଦାବନ ମେହେର, ଡ. ବିଶେଶ୍ୱରୀ ସାହୁ ଆଲୋଚନାଚକ୍ର ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ପ୍ରଫେସର ଚନ୍ଦନ କୁମାର ସାହୁ। ମେଧା ମିଶ୍ର ନିବନ୍ଧ କାର୍ଯ୍ୟ ତୁଲାଇଥିଲେ। ଏହି ସମ୍ମାନରେ ସମ୍ବଲପୁରସ୍ଥିତ ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ନିରୂପମା ବଡ଼ପଣ୍ଡା ଓ ପ୍ରଫେସର କିଶୋରୀ ଦାଶ, ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି, ଏନ୍‌ସିଇଆର୍‌ଟି ପ୍ରଫେସର ବିମଳ ସ୍ୱାଇଁ, ପ୍ରଫେସର ମନୋଜ ପ୍ରଧାନ, ପ୍ରଫେସର ରାଜକୁମାର ପ୍ରମୁଖ ଭାରତର କୋଣ ଅନୁକୋଣରୁ ଆସିଥିବା ବିଦ୍ୱାନ ମଣ୍ଡଳୀ ନିଜର ଅଭିମତ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ପ୍ରତିଷ୍ଠାନର ଅନ୍ୟ ସହକାରୀ ପ୍ରଫେସର ଡ. ମମତା ପ୍ରିୟଦର୍ଶିନୀ ସାହୁ, ବିଶେଶ୍ୱରୀ ସାହୁ, ସୀତା ମହନ୍ତ, ସରୋଜ ଛତ୍ରିଆ, ସୋନିଆ ପରେୟା, ଲଳିନ୍ଦ୍ର ମୋହନ ମାର୍ଣ୍ଡି, ଡ.ବବିତା ସାହୁ, ଡ. ଏସ୍. ଜ୍ୟୋତିରାଣୀ, ଡ. ମଞ୍ଜୁଶ୍ରୀ ବାଗ, ସିପ୍ରା ପ୍ରଧାନ, ଶର୍ମିଷ୍ଠା ଗଡ଼ନାୟକ, ତଫସିଲ ବୁଦୁଲା, ସୌମ୍ୟରଞ୍ଜନ ପାଣିଗ୍ରାହୀ, ସବିତା ବାଗ, ପିଏଚଡି ସ୍କୋଲାର ସୁଚିତ୍ରା ପଟେଲ, ଶୁଭମ ପଣ୍ଡା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅନ୍ୟ ସହକାରୀ ପ୍ରଫେସର ପଦ୍ମିନୀ ନାଏକ, ଜ୍ୟୋତିର୍ମୟୀ ମହନ୍ତ, ଚେତନା ନନ୍ଦ ଖମାରୀ, କ୍ଷୀତିଶ ଚନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନର ଅନ୍ୟାନ୍ୟ କାର୍ଯ୍ୟନିର୍ବାହ କରିଥିଲେ। ଅଣଶୈକ୍ଷିକ କର୍ମଚାରୀମାନେ ମଧ୍ୟ ସମ୍ମାନରେ ସହଯୋଗ କରିଥିଲେ। ଏତଦ୍‌ବ୍ୟତୀତ ସନ୍ଧ୍ୟା ସମୟରେ ସହକାରୀ ପ୍ରଫେସର ସରୋଜ ଛତ୍ରିଆ, ଡ. ମମତା ପ୍ରିୟଦର୍ଶିନୀ ସାହୁ, ପଦ୍ମିନୀ ନାଏକ, ଅଭିଷେକ ଶର୍ମାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ହୀରାକୁଦ ବନ୍ୟପ୍ରାଣୀ ଡିଭିଜନରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

ସମ୍ବଲପୁର,୬।୩(ପ୍ରମୋଦ ବହିଦାର)

ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ହୀରାକୁଦ ଆର୍ଦ୍ରଭୂମି, ଡେବ୍ରିଗଡ଼ ଜୈବ ବିବିଧତା ଓ ପରିବେଶ ପର୍ଯ୍ୟଟନ ଉପରେ ୪ଟି ପ୍ରାମାଣିକ ଚିତ୍ର ନିର୍ମାଣ ପାଇଁ ଟେଣ୍ଡରରେ ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ବୃତ୍ତଚିତ୍ର ନିର୍ମାଣରେ ପ୍ରାକ୍ ଅଭିଜ୍ଞତା ଥିବା ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସଂସ୍ଥାକୁ ଟେଣ୍ଡର ଦିଆ ନ ଯାଇ ଏକ ଅଣସ୍ୱୀକୃତିପ୍ରାପ୍ତ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିବା ଭଳି ଏକ ଗୁରୁତର ଅଭିଯୋଗ ହୋଇଛି। ଯାହାକୁ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ(ଡିଏଫଓ) ଅଂଶୁପ୍ରଜ୍ଞା ଦାସ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଟେଣ୍ଡର ପ୍ରକ୍ରିୟାରେ ସରକାରଙ୍କ ସମସ୍ତ ନୀତି ନିୟମ ଅନୁସାରେ ଅବଲମ୍ବନ କରାଯାଇ ଚୂଡ଼ାନ୍ତ କରାଯାଇଛି। ଟେଣ୍ଡର ନ ପାଇଲା ବ୍ୟକ୍ତି ଅଭିଯୋଗ କରିବା ସ୍ୱାଭାବିକ, କିନ୍ତୁ ଅଭିଯୋଗରେ ତିଳେମାତ୍ର ସତ୍ୟତା ନାହିଁ। ଡେବ୍ରିଗଡ଼ର ଜୈବ ବିବିଧତା, ପରିବେଶ ପର୍ଯ୍ୟଟନ, ହୀରାକୁଦ ଆର୍ଦ୍ରଭୂମି ଭଳି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ବୃତ୍ତଚିତ୍ର ନିର୍ମାଣ କରିବା ପାଇଁ ଯଥେଷ୍ଟ ଅଭିଜ୍ଞତା ଆବଶ୍ୟକ। ଯେଉଁ ସଂସ୍ଥାକୁ ଟେଣ୍ଡର ଦିଆଯାଇଛି ଅଭିଜ୍ଞତା ଆଧାରରେ ମନୋନୟନ କରାଯାଇଛି ବୋଲି ସୁଶ୍ରୀ ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୧୦ ତାରିଖ ଏକ ଦୈନିକ ଓଡ଼ିଆ ଖବର କାଗଜରେ ୪ଟି ପ୍ରାମାଣିକ ଚିତ୍ର ନିର୍ମାଣ ପାଇଁ ଚାରୋଟି ଟେଣ୍ଡର ବିଜ୍ଞାପନ ପ୍ରକାଶ ପାଇଥିଲା।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୬।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୁର୍ଲା ମେଡ଼ିକାଲ ଓ ପୁରୀ ଧାମକୁ ବସ ସଂଯୋଗ ପାଇଁ ସମ୍ବଲପୁର ଜିଲାପାଳ ଏବଂ କୁଚିଣ୍ଡାକୁ ଜିଲା ଘୋଷଣା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର କୁଚିଣ୍ଡା ଉପଜିଲାପାଳ ସରଓନନ ସ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୁଚିଣ୍ଡା ଏକ ଆଦିବାସୀ ଅଧ୍ୟୁଷିତ ଉପଖଣ୍ଡ। ଅଞ୍ଚଳର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟାର ଡାକ୍ତରୀ ଚିକିତ୍ସା ନିମନ୍ତେ ବୁର୍ଲା ଭୀମସାର ମେଡ଼ିକାଲ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରନ୍ତି। ତେଣୁ କୁଚିଣ୍ଡାରୁ ସିଧାସଳଖ ବୁର୍ଲାକୁ ଯାତାୟାତ ନିମନ୍ତେ ବସ ସୁବିଧା ନ ଥିବାରୁ ରୋଗୀ ଏବଂ ଜନସାଧାରଣ ସମ୍ବଲପୁରରୁ ବସ ପରିବର୍ତ୍ତନ କରି ବୁର୍ଲାକୁ ଯାଉଛନ୍ତି। ସେହିପରି କୁଚିଣ୍ଡାରୁ ପୁରୀ ଜଗନ୍ନାଥ ଧାମକୁ ସିଧାସଳଖ ବସ ସୁବିଧା ନ ଥିବାରୁ ଜନସାଧାରଣ କୁଚିଣ୍ଡାରୁ ଭୁବନେଶ୍ୱର ଯାଇ ସେଠାରୁ ବସ ପରିବର୍ତ୍ତନ କରି ପୁରୀକୁ ଯାଉଛନ୍ତି। ତେଣୁ କୁଚିଣ୍ଡାରୁ ବୁର୍ଲା ଓ କୁଚିଣ୍ଡାରୁ ଜଗନ୍ନାଥ ଧାମକୁ ସିଧାସଳଖ ଯାତାୟାତ ପାଇଁ ସରକାରୀ ଅଥବା ବେସରକାରୀ ବସର ସୁବିଧା କରାଯିବାକୁ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ଦାବିପତ୍ରରେ କୁଚିଣ୍ଡାକୁ ତୁରନ୍ତ ଜିଲା ଘୋଷଣା କରିବାକୁ ଉଲ୍ଲେଖ କରାଯାଇଛି। ଯେହେତୁ ନୂତନ ଜିଲା ପାଇଁ କୁଚିଣ୍ଡାର ଜନସଂଖ୍ୟା, ଭୌଗୋଳିକ କ୍ଷେତ୍ର, ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି,ପ୍ରଶାସନିକ ବ୍ୟବସ୍ଥା କାରଣରୁ ଏକ ପୃଥକ ଜିଲା ହେବା ପାଇଁ ସମସ୍ତ ଯୋଗ୍ୟତା ହାସଲ କରିଛି। କୁଚିଣ୍ଡାରୁ ସମ୍ବଲପୁର ଜିଲା ମୁଖ୍ୟାଳୟର ଦୂରତା ପ୍ରାୟ ୭୦ କିଲୋମିଟରରୁ ୧୫୦ କିଲୋମିଟର ଅଟେ। ତେଣୁ କୁଚିଣ୍ଡାବାସୀ ଦୂରତା ଦୃଷ୍ଟିରୁ ବିଭିନ୍ନ ସମୟରେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଜିଲା ଘୋଷଣା ପାଇଁ ଏଥିରେ ଦର୍ଶାଯାଇଛି। କୁଚିଣ୍ଡା ଉପଜିଲାପାଳ ସରଓନନ ସଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର କୁମାର ମହାନ୍ତି, ସାଧାରଣ ସମ୍ପାଦକ ଜନ କାମିଲ ଲାକ୍ରା, ଆଇନଜୀବୀ ପ୍ରମୋଦ ଛୁରିଆ, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ଶୃଙ୍ଖଳିତ ସମାଜ ଗଠନ କର

## ଲକ୍ଷେ ଘର ପାଣ ସମାଜର ବାର୍ଷିକ ଉତ୍ସବ

କୁଚିଣ୍ଡା,୬।୩(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାଇପାସ ରୋଡ ଘୋଷା ଛକ ନିକଟରେ କୁଚିଣ୍ଡା ବ୍ଲକ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କୁଚିଣ୍ଡା ବ୍ଲକ ସଭାପତି ସୋମବାରୁ ବୁଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଳ କର ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚନ୍ଦନ ନିଖଣ୍ଡିଆ ମୁଖ୍ୟବକ୍ତା,ଝାରସୁଗୁଡ଼ା ଅଗ୍ନିଶମ ଅଧିକାରୀ ବିପିନ କିଶୋର କୈଳାସପତି, ବାମରା ବ୍ଲକ ସଭାପତି ଭିକ ନିଖଣ୍ଡିଆ, ଜମନକିରା ସଭାପତି ଦେବାନନ୍ଦ ମୟର, ଅବସରପ୍ରାପ୍ତ ଅଧ୍ୟାପକ ନରେଶ ହଂସ, ମନବୋଧ କଣ୍ଟା, ତ୍ରିନାଥ ଲୁହା, ଗିରିଜା ଶଙ୍କର ପାତ୍ର, ବିନୋଦ ବିହାରୀ ସିଂ, ସଞ୍ଜୟ ମହାନନ୍ଦ, ଗଣେଶରାମ କରାଲି, ନରେଶ ତଣ୍ଡିଆ, ଶରତ ପାଞ୍ଚାଳି, ମହିଳା ସଭାନେତ୍ରୀ ବିନୋଦିନୀ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଶିକ୍ଷା ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ଶୃଙ୍ଖଳିତ ସମାଜ ଗଠନ ହେଲେ ଯାଇ ପାଣ ସମାଜର ସାମୂହିକ ବିକାଶ ସମ୍ଭବ ବୋଲି କହିଥିଲେ। ଏହାଛଡା ସାମୂହିକ ବିବାହ, ନିଶା ଦ୍ରବ୍ୟ ବର୍ଜନ,ମହିଳା ସଙ୍ଗଠନ, ଜଙ୍ଗଲ ଜମି ପଟ୍ଟା, ଶିକ୍ଷା କ୍ଷେତ୍ରରେ ପିଲାଙ୍କ ସଂରକ୍ଷଣ ଉପରେ ସେମାନେ ଆଲୋଚନା କରିଥିଲେ। ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ସଭା ପରିଚାଳନା କରିଥିଲେ। ସହସମ୍ପାଦକ ତ୍ରିନାଥ ଲୁହା ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ପାଣ ସମାଜର ଉଲ୍ଲେଖନୀୟ ଅବଦାନ ପାଇଁ ଦୁର୍ଯୋଧନ ବାଗ, ବିଜୟ ରଣନିଡା, କମଳଧର ବାଘ, ଜିତେନ୍ଦ୍ର ସିଂ, ନରେଶ ତଣ୍ଡିଆଙ୍କୁ ଲକ୍ଷେ ଘର ସମାଜ କୁଳଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶରତ କୁସୁମ, ଅର୍ଜ୍ଜୁନ ପାତ୍ର, ଟଙ୍କଧର ବାଘ, ଦେବାନନ୍ଦ ଜୟପୁରିଆ, ସମ୍ବାରୁ ସିଂ, କମଳ ସିଂ, ହଳଧର ବାଘ, ଗଦାଧର ମହାନନ୍ଦ, ରତ୍ନାକର କୁସୁମ, ବକ୍ସି କୁସୁମ, ଲଳିତା ପାତ୍ର, ବେଦମତୀ ବାଘ, ଝରଣା ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବ୍ଲକ ସହସମ୍ପାଦକ ଗିରିଜା ଶଙ୍କର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ ମହିଳା ପୁରୁଷ ଯୋଗଦେଇଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କୁଚିଣ୍ଡା ବ୍ଲକ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ସିନ୍ଦୂରପଙ୍କ ଫ୍ଲାଏଓଭର ଛକ ଜବରଦଖଲ ଉଦ୍ୟମ

ସମ୍ବଲପୁର,୬।୩(ଭବାନୀ ଶଙ୍କର ଭୋଇ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥକୁ ୫୩ ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରୁଥିବା ଫ୍ଲାଏଓଭର ନିର୍ମାଣ ପାଇଁ ତୁମ୍ଭେସିଂହା କଟାର ଅଧା ଅଂଶ ପୋତି ଦିଆଯାଇଥିଲା। ଜନ ସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ନିର୍ମାଣ ସମୟରେ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ସହଯୋଗ କରିଥିଲେ। ଫ୍ଲାଏଓଭର ନିର୍ମାଣ ପରେ ସମ୍ବଲପୁର ସହର ମଧ୍ୟ ଧନୁପାଲି ଦେଇ ଭାରିଯାନ ଚଳାଚଳ ବନ୍ଦ ହୋଇଛି। ସହରବାସୀଙ୍କ ପାଇଁ ଦୁର୍ଘଟଣାର ଭୟ କମିଛି। ଫ୍ଲାଏଓଭର ନିର୍ମାଣ ପରେ ଉଭୟ ପଟରେ ସର୍ଭିସ ରୋଡ ମଧ୍ୟ ତିଆରି କରାଯାଇଛି। ହେଲେ କିଛି ଦିନ ହେବ ତୁମ୍ଭେସିଂହା କଟାର ଉଭୟ ପଟରେ ବେଆଇନ ଭାବେ ପାଉଁଶ ପକାଯାଇ ପୋତା ଯାଉଛି। କିଛି ଲୋକ ରାତିରେ ହାଇୱାରେ ପାଉଁଶ ପକାଇ କଟାକୁ ପୋତି ଜବରଦଖଲ କରିବା ଆରମ୍ଭ କରିଛନ୍ତି। କାରଖାନା ପାଉଁଶ ରାସ୍ତା କଡରେ ପକାଯିବା ଯୋଗୁ ଯାତ୍ରୀଙ୍କ ପାଇଁ ପାଉଁଶ ଉଡି ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ପ୍ରଦୂଷଣ ବିଭାଗର ବିନା ଅନୁମତିରେ ପାଉଁଶ କିଏ ଏବଂ କିଭଳି ଭାବେ ପକାଉଛି ତାକୁ ନେଇ ପ୍ରଶ୍ନ ଉଠିଛି। ତୁମ୍ଭେସିଂହା କଟାଉପରେ ପୂର୍ବରୁ ଅଞ୍ଚଳର ଲୋକେ ନିର୍ଭର କରୁଥିଲେ। ତେବେ ଫ୍ଲାଏଓଭର ନିର୍ମାଣ ପରଠାରୁ ସ୍ଥାନୀୟ ଲୋକଙ୍କ ଅପେକ୍ଷା ଜମି ବ୍ୟବସାୟୀଙ୍କ ନଜର ଏହି କଟାର ଜମି ଉପରେ ଅଧିକ ରହିଛି। ପ୍ରାୟ ୬ଏକରରୁ ୩ଏକର ଜମି ଫ୍ଲାଏଓଭର ଏବଂ ସର୍ଭିସ ରୋଡ ନିର୍ମାଣରେ ବ୍ୟବହୃତ ହୋଇଥିବାବେଳେ ବକେୟା ୩ ଏକର ଜମି ଏବେ ଜବରଦଖଲକାରୀଙ୍କ କବଜାକୁ ଯିବାକୁ ବସିଛି। ସ୍ଥାନୀୟ ଲୋକେ ଏହାକୁ ନେଇ ଅସନ୍ତୋଷ ପ୍ରକଟ କରୁଛନ୍ତି। ଯେଉଁମାନେ ଏହି କଟା ଉପରେ ନିର୍ଭର କରୁଥିଲେ ସେମାନଙ୍କୁ କୌଣସି ଲାଭ ମିଳିପାରି ନ ଥିବାବେଳେ ବାହାର ଜମି ବ୍ୟବସାୟୀ ଏହି ସରକାରୀ ଜମି ଉପରେ ଲୋଲୁପ ଦୃଷ୍ଟି ପକାଇ ସାରିଛନ୍ତି। କିଛି ଜମିରେ ପାଉଁଶ ଉପରେ ମାଟି ପୋତାଯାଇ ବିଧିବଦ୍ଧ ଭାବେ ଜବରଦଖଲ କରିବାକୁ ଉଦ୍ୟମ କରିଲେଣି। ସହରର ଏହି ମୂଲ୍ୟବାନ ଜମିରେ ମହାନଗର ନିଗମ ପକ୍ଷରୁ ଜନସାଧାରଣଙ୍କ ପାଇଁ ବ୍ୟବହାର କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜମି ବ୍ୟବସାୟୀମାନେ କଟାକୁ ଲାଗି ରହିଥିବା ଚାଷୀଙ୍କ ଜମିରେ ମଧ୍ୟ ଦାଦାଗିରି କରି ସେମାନଙ୍କ ଯିବା ଆସିବା ରାସ୍ତା ବନ୍ଦ କରି ଦେଇଛନ୍ତି।


ସିନ୍ଦୂରପଙ୍କ ଫ୍ଲାଏଓଭର ଆରମ୍ଭରେ ରହିଥିବା ତୁମ୍ଭେସିଂହା କଟାରେ ଫ୍ଲାଏଆଶ୍ ପକାଯାଇ ଜବରଦଖଲ କରାଯାଉଛି।

## ଫ୍ଲାଏଆଶ୍ ପକାଯାଇ କଟାକୁ ପୋତାଚାଲିଛି

ଧନୁପାଲିରୁ ସିନ୍ଦୂରପଙ୍କ ମଧ୍ୟରେ ସ୍ଥାୟୀ ବଜାର ନ ଥିବାରୁ ଭବିଷ୍ୟତରେ ଏଠାରେ ଏକ ସ୍ଥାୟୀ ବଜାର ବ୍ୟବସ୍ଥା କରାଯାଇ ପାରିବ କିମ୍ବା ସରକାରୀ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯାଇ ବହୁ ବେକାର ଯୁବତୀଯୁବକଙ୍କୁ ରୋଜଗାର ସୁଯୋଗ ମଧ୍ୟ ଦିଆଯାଇ ପାରିବ। କିନ୍ତୁ କିଛିଦିନ ମଧ୍ୟରେ ଏହା ଉପରେ କୌଣସି ପଦକ୍ଷେପ ନ ନେଲେ ଏହା ଜବରଦଖଲ ହେବାର ଆଶଙ୍କା ରହିଛି। ପୁଣି ଥରେ ଜବରଦଖଲକାରୀଙ୍କ କବଜାକୁ ଯିବା ପରେ ତାକୁ ଜବରଦଖଲ ମୁକ୍ତ କରାଯାଇ ସରକାରୀ ପ୍ରକଳ୍ପ କରାଯିବା କଷ୍ଟକର ବ୍ୟାପାର ହୋଇଥାଏ। ତେବେ ଏନେଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେ ଏନେଇ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ମହାନଗର ନିଗମ ଅଞ୍ଚଳର ଏକ ପ୍ରମୁଖ ସ୍ଥାନରେ ରହିଥିବାରୁ ଏହାକୁ ବିକଶିତ କରାଯାଇ ଜନସାଧାରଣଙ୍କ ଉପଯୋଗ ପାଇଁ ବ୍ୟବହାର କରାଯିବ ବୋଲି ଜିଲାପାଳ କହିଛନ୍ତି ।

## ସଂକ୍ଷେପରେ

### ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୂଆପଡ଼ା,୬।୩ (ମକାରୁ ବେମାଲ):** ଜାତୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଜିଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୪ ତାରିଖ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡେନ କୋର୍ଟ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ଦେୱାନୀ, ଫୌଜଦାରି, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ରକୁ ବାଦ୍‌ଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳଯୋଗାଣ ବିଲ୍‌ଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ ଆଦିର ସମାଧାନ ହୋଇପାରିବ। ଏଥିପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ। ସବିଶେଷ ବିବରଣୀ ପାଇଁ ନୂଆପଡ଼ା ଜିଲା ଆଇନସେବା କାର୍ଯ୍ୟାଳୟ ହେଲ୍ପଲାଇନ ନମ୍ବର ୦୬୬୭୮-୨୨୫୩୩୬ ଓ ଟୋଲ୍ ଫ୍ରି ନମ୍ବର ୧୫୧୦୦ରେ ଯୋଗାଯୋଗ କରିବାକୁ ପ୍ରାଧିକରଣ ସଚିବ ନବନୀତା ଦାଶ ସୂଚନା ଦେଇଛନ୍ତି।

### ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ସଚେତନତା

**ଖଡ଼ିଆଳ,୬।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ତାଣ୍ଡି, ପ୍ରଧ୍ୟାପକଗଣ, ଛାତ୍ରୀଛାତ୍ର ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରାଧିକରଣ ସଚିବ ଦାଶ ଯଟିଆ ହେମ୍ବ୍ରମ ବନାମ ଓଡ଼ିଶା ରାଜ୍ୟ (ଜେସିଆର୍‌ଏଲ୍‌ଏ ୧୮୩/୨୦୨୫) ସମ୍ବନ୍ଧରେ ବିସ୍ତୃତ ଧାରଣା ଦେଇଥିଲେ। ଆସାମୀଙ୍କ ଉଚ୍ଚ ଅଦାଲତରେ ଅପିଲ କରିବା ଅଧିକାର ଓ ଅପିଲର ସମୟସୀମା ବିଷୟରେ ବୁଝାଇବା ସହ ବାଲ୍ୟ ବିବାହ ଏକ ସାମାଜିକ କଳଙ୍କ ଏବଂ ଏହାକୁ ରୋକି ବାଲ୍ୟ ବିବାହ ମୁକ୍ତ ଭାରତ ଗଠନରେ ସହାୟକ ହେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

### ଆଭାସି ମାଧ୍ୟମରେ ୨ ଥାନା ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

**କଲମପୁର/କେସିଙ୍ଗା, ୬।୩ (ଗଣେଶରାମ ବାଗ/ତୁମେଶ୍ୱର ସାହୁ):** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କଳାହାଣ୍ଡି ଜିଲାର କଲମପୁର ଓ କେସିଙ୍ଗା ଆଦର୍ଶ ଥାନାକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। କଲମପୁର ଥାନା ପରିସରରେ ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ସମାରୋହରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଡୋଲାମଣୀ ଭୋଇ, ଧର୍ମଗଡ଼ ଏସ୍‌ଡିପିଓ ବର୍ଷିତା ଆଡେପୁ, କଲମପୁର ଥାନା ଅଧିକାରୀ ବିଶ୍ୱମ୍ଭର କହଁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେସିଙ୍ଗାଠାରେ ଏସ୍‌ଡ଼ିପିଓ ସନ୍ଦୀପ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଆଇଆଇସି ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ଭାରତୀୟ ସଂସ୍କୃତି ବିଶ୍ୱ ସଂସ୍କୃତିକୁ ପ୍ରଭାବିତ କରିଛି

**ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମାନ ଉଦ୍‌ଘାଟିତ**

**ଭବାନୀପାଟଣା,୬।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମ ତଥା ପିଏମ୍ ଉଷାର ସହଯୋଗରେ ଶୁକ୍ରବାର ଦ୍ୱିଦିବସୀୟ ଜାତୀୟ ସମ୍ମାନ ଉଦ୍‌ଘାଟିତ ହୋଇଯାଇଛି। 'ଇଣ୍ଟିଗ୍ରେଶନ ଅଫ ଇଣ୍ଡିଆନ ନଲେଜ ସିଷ୍ଟମ ଇନ କରିକୁଲମ ଆଜ୍ ପର୍ ନ୍ୟାଶନାଲ ଏଜୁକେଶନ ପଲିସି- ୨୦୨୦' ଶୀର୍ଷକରେ ଏହି ସମ୍ମାନ ହୋଇଥିଲା। ଏଥିରେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଭାରତୀୟ ସଂସ୍କୃତି ଯେମିତି ବିଶ୍ୱ ସଂସ୍କୃତିକୁ ପ୍ରଭାବିତ କରିଛି, ଠିକ୍ ସେହିପରି ଭାରତୀୟ ଜ୍ଞାନ ବ୍ୟବସ୍ଥା ବିଶ୍ୱ ଜ୍ଞାନ କୌଶଳକୁ ମଧ୍ୟ ପ୍ରଭାବିତ କରିଛି। ସାମ୍ପ୍ରତିକ ସମୟରେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ଉପଯୋଗିତା ସମ୍ପର୍କରେ ବିଶଦଭାବେ ଆଲୋଚନା ହୋଇଥିଲା। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଉଦ୍‌ଘାଟକ ରୂପେ ଯୋଗଦେଇଥିଲେ। କଟକ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଡିନ୍ ତଥା ଭାରତୀୟ ଜ୍ଞାନ ବ୍ୟବସ୍ଥାର ମୁଖ୍ୟ ପ୍ରଶିକ୍ଷକ ଭରତ ଦାସ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହି ଭାରତୀୟ ଜ୍ଞାନ ବ୍ୟବସ୍ଥାର ଆବଶ୍ୟକତା, ସୁଯୋଗ ଓ ଦାୟିତ୍ୱ ସମ୍ପର୍କରେ ଦୃଷ୍ଟାନ୍ତମୂଳକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କୁଳସଚିବ ଡ. ଗୁଣନିଧି ନାଏକ ସମ୍ମାନର ଗୁଣାତ୍ମକ ଦିଗ ବିଷୟରେ କହିଥିଲେ। ଉପକୁଳସଚିବ ତଥା ଇଂରାଜୀ ବିଭାଗର ମୁଖ୍ୟ ମେଜର ଡ. ଜୟଦେବ ସାହୁ ସମ୍ମାନର ପୃଷ୍ଠପୋଷକ ଦାୟିତ୍ୱ ନିର୍ବାହ କରିଥିଲେ। ପିଏମ୍ ଉଷାର ନୋଡାଲ ଅଫିସର ଡ. ରାଜକିଶୋର ମାହାନା ଜାତୀୟ ସମ୍ମାନର ମହତ୍ତ୍ୱ ଉଲ୍ଲେଖ କରିଥିଲେ। ସେହିପରି ଅନୁରାଗ ଦେଶପାଣ୍ଡେ ଭାରତୀୟ ଜ୍ଞାନ ବ୍ୟବସ୍ଥାର ଉପାଦାନ, ରାଜେଶ ପାଣ୍ଡେ କୃଷିଜଳ ପରିଚାଳନା, ଡ. ଶୈଳାଦିତ୍ୟ ଶତପଥି ଯୋଗ ଓ ଦର୍ଶନ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶନିବାର ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।



ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ ସମ୍ମାନରେ ଯୋଗଦେଇଥିବା ଅତିଥି ଓ ବକ୍ତା।

## ଭଡ଼ା ବିଜୁଳିରେ ଚାଲିଥିଲା ଇନ୍ଦ୍ରାବତୀ ପାୱାର ହାଉସ୍ କଲୋନି

**ଜୟପାଟଣା,୬।୩ (ଓମ୍ ପ୍ରକାଶ ବୈଠାରୁ)**

ଇନ୍ଦ୍ରାବତୀ ପ୍ରକଳ୍ପ ମୁଖିଗୁଡ଼ାସ୍ଥିତ ସ୍ୱିଚ୍‌ୟାର୍ଡ ମଧ୍ୟରେ ରହିଥିବା ଟ୍ରାନ୍ସଫର୍ମର ତ୍ରୁଟି ଯୋଗୁ ଗତ ତିନିମାସ ଧରି ଟାଟା ପାୱାରରୁ ଦେୟଯୁକ୍ତ ବିଜୁଳି ଆଣି ପାୱାର ହାଉସ କଲୋନି ଓ କାର୍ଯ୍ୟାଳୟ ଆଲୋକିତ ହେଉଥିଲା। ଏ ନେଇ ଖବର ପ୍ରକାଶିତ ହେବା ପରେ ଓଏଚ୍‌ପିସି କର୍ତ୍ତୃପକ୍ଷଙ୍କ ତତ୍ପରତା ବଢିଥିଲା। ଏକ ବେସରକାରୀ ସଂସ୍ଥା ଦ୍ୱାରା ଟ୍ରାନ୍ସଫର୍ମର ମରାମତି ହେବା ପରେ ଗତ ୩।୩।୨୬ରେ ବିଜୁଳି ସଂଯୋଗ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଗତ ୨୯।୧୦।୨୦୨୫ରେ ଇନ୍ଦ୍ରାବତୀ ମୁଖିଗୁଡାଠାରେ ଥିବା ଟ୍ରାନ୍ସଫର୍ମର ଯାନ୍ତ୍ରିକ ତ୍ରୁଟି ହେତୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଫଳରେ ୭୨ ଘଣ୍ଟା ଧରି ପାୱାର ହାଉସଠାରୁ ଆରମ୍ଭ କରି ଓଏଚ୍‌ପିସି କାର୍ଯ୍ୟାଳୟ ଓ କଲୋନି ଅନ୍ଧାରରେ ରହିଥିଲା। ଇନ୍ଦ୍ରାବତୀରେ ଅନେକ ଅଭିଜ୍ଞ ଯନ୍ତ୍ରୀ ଥାଇ ମଧ୍ୟ ମରାମତିରେ ବିଫଳ ହେବା ଘଟଣା ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ପରେ ନିରୂପାୟ ଓଏଚ୍‌ପିସି ଇନ୍ଦ୍ରାବତୀର ଯେଉଁ ବିଜୁଳିକୁ ୦.୪୨ ପଇସାରେ ଗ୍ରିଡ୍‌କୋକୁ ବିକ୍ରି କରୁଥିଲା ତାହାକୁ ଟାଟା ପାୱାରରୁ ୬ ଟଙ୍କାରୁ ଅଧିକ ମୂଲ୍ୟରେ କିଣିଥିଲା। ଏ ସଂକ୍ରାନ୍ତରେ ଆମକୁ ବିଲ ଦେୟ ଦେବାକୁ ପଡ଼ିବ ନାହିଁ ବରଂ ସୋଲାର ପାୱାରରୁ ସମସ୍ତ ଦେୟ ଭରଣା ହୋଇଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଆସୁଥିବାବେଳେ କେମିତି ତିନି ମାସର ବିଦ୍ୟୁତ୍ ଦେୟ ୬୪.୫ ଲକ୍ଷ ଟଙ୍କା ଟାଟା ପାୱାରକୁଦିଆଗଲା ତାହା ତଦନ୍ତ ସାପେକ୍ଷ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ



ଛାତ୍ରୀଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଉଛି।

**ଲାଞ୍ଜିଗଡ଼,୬।୩(ରମେଶ ଚନ୍ଦ୍ର ନାୟକ)**

ଲାଞ୍ଜିଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ବାଳିକା ଆତ୍ମରକ୍ଷା କୌଶଳ ସହ ସାମୂହିକ ଯୋଗ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲା ଖେଲ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା ମୁଖ୍ୟ ଅତିଥି ଓ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଲାଞ୍ଜିଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉମାକାନ୍ତ ବେଣୁପାଣି, ଖେଲ ଇଣ୍ଡିଆର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ। ପ୍ରଥମ ଦିନରେ ଶାରୀରିକ ସୁସ୍ଥତା, ପୋଷଣ ଓ ମାନସିକ ସୁସ୍ଥତା ସକାଶେ ସାମୂହିକ ଯୋଗ ଅଧିବେଶନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ଆବାସିକ ବିଦ୍ୟାଳୟରୁ ଚାଉଳ ଚୋରା ଚାଲାଣ ଉଦ୍ୟମ

**ଲାଞ୍ଜିଗଡ଼,୬।୩(ରମେଶ ଚନ୍ଦ୍ର ନାୟକ)**

ସରକାର ଆବାସିକ ବିଦ୍ୟାଳୟରେ ଉନ୍ନତ ମାନର ଶିକ୍ଷା ସାଙ୍ଗକୁ ପିଲାଙ୍କ ରହିବା, ଖାଇବା ବ୍ୟବସ୍ଥା କରିଛନ୍ତି। ହେଲେ କେତେଜଣ ଖଳ ପ୍ରକୃତିର ଲୋକ ଶିକ୍ଷକ,କର୍ମଚାରୀଙ୍କ ଆଖିରେ ଧୂଳିଦେଇ ଅନୁସୂଚିତ ଜାତିର ଛାତ୍ରୀଛାତ୍ରଙ୍କ ଖାଇବା ପାଇଁ ଆସିଥିବା ଚାଉଳ ଚୋରା ଚାଲାଣ କରିବାକୁ ପଛାଉନାହାନ୍ତି। ଏଭଳି ଏକ ଘଟଣା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦେଖିବାକୁ ମିଳିଛି। ସୂଚନାନୁସାରେ, ଗତ ସୋମବାର ବିଳମ୍ବିତ ରାତିରେ କେତେଜଣ ବ୍ୟକ୍ତି ସ୍କୁଲ ପରିସରରୁ ୪ଟି ପ୍ୟାକେଟରେ ଥିବା ୨କୁଇଣ୍ଟାଲ ଚାଉଳ ପାଚେରି ପାରକରି ଏକ ବୋଲେରୋ ପିକ୍‌ଅପ୍‌ରେ ଭର୍ତ୍ତି କରିଥିଲେ। ପରେ ସେମାନେ ଏହାକୁ ଚାଲାଣ କରିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ହଠାତ୍ ସେଠାରେ ପହଞ୍ଚିଯାଇଥିଲେ। ଏହା ଦେଖି ସମ୍ପୃକ୍ତ ବ୍ୟକ୍ତିମାନେ ଗାଡ଼ି ସହ ସେଠାରୁ ଫେରାର ହୋଇଯାଇଥିଲେ। ଲୋକେ ଚାଉଳ ଜବତକରିବା ସହ ଆବାସିକ ବିଦ୍ୟାଳୟ ଦାୟିତ୍ୱରେ ଥିବା ମାଟ୍ରନ ଚୂଳେନ୍ଦ୍ରି ସାହୁଙ୍କୁ ଘଟଣା ବିଷୟରେ ପଚରାଉଚୁରା କରିଥିଲେ। ହେଲେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଏହା ଚୋରି ଚାଉଳ ବୋଲି ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏ ନେଇ ଗାଁ ଲୋକେ ପୋଲିସକୁ ନ ଜଣାଇ ଜବତ ଚାଉଳକୁ ସ୍କୁଲ ଦାୟିତ୍ୱରେ ଥିବା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଜିମା ଦେଇଥିବା ସୂଚନା ମିଳିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତକରି ଗରିବ ଆଦିବାସୀ ଛାତ୍ରୀଛାତ୍ରଙ୍କ ଦାନାକୁ ଚୋରି କରିଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ, ଗତମାସ ୭ ତାରିଖ ବିଳମ୍ବିତ ରାତିରେ ଲାଞ୍ଜିଗଡ଼ସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରୁ ୭ କୁଇଣ୍ଟାଲ ଚାଉଳ ଚୋରି ଉଦ୍ୟମ ବେଳେ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସମ୍ପୃକ୍ତ ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବିଜେପୁର ସ୍କୁଲରୁ ଚାଉଳ ଚୋରି ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ବେହେରାଙ୍କୁ ପଚାରିବାରୁ ସେ ବର୍ତ୍ତମାନ ଛୁଟିରେ ଅଛନ୍ତି, ଗାଁ ଲୋକେ ଫୋନ୍‌ରେ ଜଣାଇବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂ କହିଛନ୍ତି, ଏ ବିଷୟରେ ସେ କୌଣସି ଖବର ପାଇନାହାନ୍ତି। ପ୍ରଧାନ ଶିକ୍ଷକଙ୍କୁ ପଚାରି ବୁଝିବେ ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମୀ କହଁର କହନ୍ତି, ଏ ବିଷୟରେ ଖବର ପାଇନାହାନ୍ତି। ତଥାପି ଏହାର ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ।

## ଭିବି ଜି ରାମଜି ଗ୍ରାମୀଣ ରୋଜଗାର ସଚେତନତା କର୍ମଶାଳା

**୧୫ ଅଣକୁଶଳୀ ଶ୍ରମିକ ସମ୍ମାନିତ**

**ଭବାନୀପାଟଣା,୬।୩(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ପ୍ରଶାସନ ତରଫରୁ ଶୁକ୍ରବାର ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ଭିବି ଜି ରାମ ଜି ୧୨୫ ଦିନ ଗ୍ରାମୀଣ ରୋଜଗାର ସମ୍ପର୍କିତ ଏକ ଦିନିକିଆ ସଚେତନତା କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା ଉପସ୍ଥିତ ଥିଲେ। ଏହି କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଯୋଜନାରେ ଲୋକ କିପରି କାମ ପାଇ ରୋଜଗାର କ୍ଷମହୋଇପାରିବେ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ଆଲୋଚନା କରାଯାଇଥିଲା। ଏହି ଅବସରରେ ୩୦୦ ଦିନ ଧରି କାମ କରି ଲାଭବାନ ହୋଇଥିବା ଜିଲାର ୧୫ ଜଣ ଅଣକୁଶଳୀ ଶ୍ରମିକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଜିଲାର ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟାସଭ୍ୟା, ପିଆର୍‌ଆଇ ମେମ୍ବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ, ସରପଞ୍ଚ ପ୍ରମୁଖ ଯୋଗଦେଇଥିଲେ । କାର୍ଯକ୍ରମକୁ ଡି. ଡି. ପ୍ଲାନିଂ ଶ୍ରୀକାନ୍ତ ଦଳେଇ ପରିଚାଳନା କରିଥିବା ବେଳେ ଉପଜିଲାପାଳ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଜିଲା ସାମ୍ବାଦିକ ସଂଘ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ବୈଠକ

**ଖଡ଼ିଆଳ,୬।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ଥିତ ହୋଟେଲ ଶ୍ୟାମକୁମ ସଭାଗୃହଠାରେ ଜିଲା ସାମ୍ବାଦିକ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁରେଶ ଆଚାରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଦେବାନନ୍ଦ ତାଣ୍ଡି ସଂଘର ପୂର୍ବ କାର୍ଯ୍ୟକଳାପ ଓ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ବିଶ୍ୱଜିତ ପାଢ଼ୀ, କୋଷାଧକ୍ଷ ପବିତ୍ର ମୋହନ ପ୍ରଧାନ ସଂଘକୁ ଆହୁରି ମଜଭୁତ କରି ବିଭିନ୍ନ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ ପରିଚାଳିତ ହୋଇପାରିବ ସେ ଉପରେ ମାର୍ଗଦର୍ଶନ କରିଥିଲେ। ଆଗାମୀ ଜୁନରେ ନିର୍ବାଚନ ଓ ସଂଘର ବାର୍ଷିକ ଉତ୍ସବ ସହ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉପରେ କେନ୍ଦ୍ର ତଥା ରାଜ୍ୟ ସଦସ୍ୟ ଦୀପକ ମିଶ୍ର ଓ ମନୋଜ ସଗରିଆ ଆଲୋକପାତ କରିଥିଲେ। ବିଶେଷ କରି ଜିଲା ମୁଖ୍ୟାଳୟରେ ସାମ୍ବାଦିକଙ୍କ କାର୍ଯ୍ୟାଳୟ ପାଇଁ କିଭଳି ନୂତନ କୋଠା ନିର୍ମାଣ ହେବ ସେ ଉପରେ ଆଲୋଚନା ହୋଇଥିଲା। ଏହାସହ ପ୍ରତି ତିନିମାସରେ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିରୀକୃତ ହୋଇଛି।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ

**ନୂଆପଡା/ସିନାପାଲି,୬।୩ (ମକାରୁ ବେମାଲ/ମନଫୁଲ ମେହେର)**



ସିନାପାଲି- ଖଡ଼ିଆଳ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶୁକ୍ରବାର ଜିଲା ଓ ବ୍ଲକ ପ୍ରଶାସନର ପ୍ରତିଶ୍ରୁତି ମୁତାବକ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବରୁ ୪୧ ଜଣଙ୍କ ଜବରଦଖଲ ଉଚ୍ଛେଦ ପାଇଁ ଚିହ୍ନଟ କରାଯାଇଥିବା ବେଳେ ପୂର୍ବାହ୍ନରୁ ଉଚ୍ଛେଦ ଆରମ୍ଭ ହୋଇଛି। ନୂଆପଡ଼ା ଉପଜିଲାପାଳ ସୁର୍ମୀ ସୋରେନଙ୍କ ଉପସ୍ଥିତିରେ ଉଚ୍ଛେଦ ଆରମ୍ଭ ହୋଇଥିଲା। ସିନାପାଲି ତହସିଲଦାର ଉପାଞ୍ଜାଳି ମାଝୀ, ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ସିନାପାଲି ଆଇଆଇସି ଦୁର୍ଗାମାଧବ ବାଗ ପ୍ରମୁଖଙ୍କ ସମେତ ରାଜସ୍ୱ ବିଭାଗୀୟ ଅଧିକାରୀ, ସିନାପାଲି ଓ ବୋଡ଼େନ ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସିନାପାଲି ଖଡ଼ିଆଳ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗଣ୍ଡାବାହାଲି ନିକଟରେ ବିବାଦୀୟ ହୋଇ ଅଟକି ରହିଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ନଚେତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ। ପରେ ପ୍ରଶାସନ ତତ୍ପରତା ଦେଖାଇ ଗଣ୍ଡାବାହାଲିଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ୫ତାରିଖ ସୁଦ୍ଧା ଜବରଦଖଲ ଉଚ୍ଛେଦ କରିବା ସହ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ଦାବିପତ୍ର

**ଜୁନାଗଡ଼, ୬।୩(ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ବଢୁଥିବା ଟ୍ରାଫିକ ସମସ୍ୟା ଓ ଅସାବଧାନ ଡ୍ରାଇଭିଂ ସମସ୍ୟା ସମାଧାନ କରିବା ପାଇଁ ସହରର କିଛି ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଜୁନାଗଡ଼ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବଢୁଥିବା ଦୁର୍ଘଟଣା ଓ ଅସାବଧାନ ଡ୍ରାଇଭିଂ ଉପରେ ନିୟମିତ ଯାଞ୍ଚ କରିବା, ସହର ମଧ୍ୟରେ ଅବୈଧ ପାର୍କିଂ ଯୋଗୁ ସୃଷ୍ଟି ହେଉଥିବା ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଧ୍ୟାନ ଆକର୍ଷଣ କରିଛନ୍ତି। ତୁରନ୍ତ ଏହି ସମସ୍ୟାଗୁଡିକ ନିରାକରଣ ପାଇଁ ପୋଲିସ ପକ୍ଷରୁ କଡା ପଦକ୍ଷେପ ନିଆଯିବାକୁ ବୁଦ୍ଧିଜୀବୀମାନେ ଅନୁରୋଧ କରିଥିବା ଜଣାପଡ଼ିଛି। ନଚେତ ଆଗାମୀଦିନରେ ସହରବାସୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସେମାନେ ଦର୍ଶାଇଛନ୍ତି। ଦାବିପତ୍ର ଦେବା ସମୟରେ ବରିଷ୍ଠ ନାଗରିକ ସଂଗଠନର ସଭାପତି ଈଶ୍ୱର ପୂଝାରୀ, ସିଟିଜେନ ଫୋରମ ସଭାପତି ଅଶୋକ ପାତ୍ର, ଉପସଭାପତି ସନ୍ତୋଷ ସିଂଦେଓ, ବିଶିଷ୍ଟ ବ୍ୟବସାୟୀ ଲଳିତ ଅଗ୍ରୱାଲ, ଅଶୋକ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ନରେନ୍ଦ୍ର କ୍ଷିତି, ବରିଷ୍ଠ ଓକିଲ ବିଶ୍ୱନାଥ କର, ସିପିଆଇ ନେତା ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୧୫ରେ ନୂଆପଡ଼ା କବାଡ଼ି ପ୍ରିମିୟର ଲିଗ୍ ଅକ୍ସନ

**ନୂଆପଡ଼ା,୬।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା କବାଡ଼ି ପ୍ରିମିୟର ଲିଗ୍‌ର ୨ୟ ସଂସ୍କରଣ ପାଇଁ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା କବାଡ଼ି ଖେଳାଳି ସଂଘ ସଭାପତି ହରିଶ କୁମାର ଅହିରଙ୍କ ନେତୃତ୍ୱରେ ବୈଠକ ହୋଇଥିଲା। ଏଥିରେ ସଂଘର ଉପ ସଭାପତି ବିକାଶ ଶବର, ବରିଷ୍ଠ କବାଡ଼ି ରେଫରି ଗୋକୁଳ ଦଣ୍ଡସେନା, କ୍ରୀଡ଼ାବିତ ତଥା ମାର୍ଗଦର୍ଶକ ପ୍ରବୀଣ କୁମାର, ମୁକେଶ ଶବର, ଶଙ୍କର ସତ୍‌ନାମୀ ପ୍ରମୁଖ ଯୋଗଦେଇ ନୂଆପଡ଼ା କବାଡ଼ି ଦଳ ଭଲ ପ୍ରଦର୍ଶନକରି କିପରି ଆଗାମୀ ଦିନରେ ଜିଲା ତଥା ଜାତୀୟ ସ୍ତରରେ ଭାଗ ନେଇପାରିବ ସେ ଉପରେ ଆଲୋଚନା କରିଥିଲେ। ଜିଲାର ଏ ଟିମ୍ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନ କରିସାରିଛି। ନୂତନ ଭାବରେ କବାଡ଼ିର ସ୍ୱାଦ ଚାଖିଥିବା ଯୁବ ପ୍ରତିଭାଙ୍କୁ ପ୍ରଥମେ ଜିଲା ସ୍ତରରେ ସୁଯୋଗ ଦିଆଯାଉ ଓ ପରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ପାଇଁ ସୁଯୋଗ ଦିଆଯିବ ବୋଲି ପୂର୍ବତନ ଖେଳାଳିମାନେ ମତବ୍ୟକ୍ତ କରିଥିଲେ। ଆସନ୍ତା ୧୫ରେ ନୂଆପଡ଼ା କବାଡ଼ି ପ୍ରିମିୟର ଲିଗ୍‌ର ଅକ୍ସନ ରହିଛି। ଏହି ପ୍ରିମିୟର ଲିଗ୍‌ରେ ଜିଲାର ୮ଟି ଦଳ ରହିବ। ଜିଲାର ପ୍ରତ୍ୟେକ ଖେଳାଳିଙ୍କୁ ନିଜ ଖେଳ ପ୍ରଦର୍ଶନ କରିବା ପାଇଁ ଏହା ସୁଯୋଗ ଦେବ। ଏହି ପ୍ରିମିୟର ଲିଗ୍ ଦ୍ୱାରା ଭାଇଚାରା ସୃଷ୍ଟିହେବା ସହ ଜିଲାରେ କବାଡ଼ି ଖେଳର ଉନ୍ନତି ହେବ ବୋଲି ସଭାପତି ଅହିର କହିଛନ୍ତି ।



ବୈଠକରେ ଯୋଗଦେଇଥିବା କବାଡ଼ି ଖେଳାଳି ଓ ସଂଘ କର୍ମକର୍ତ୍ତା।

# କାର୍ଯ୍ୟ ଶେଷ ଅବଧି ୨ମାସ ନ ପୂରୁଣୁ ପୋଲ ବିପଦସଙ୍କୁଳ

**ନୂଆପଡ଼ା,୬।୩ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ ସାରାବଙ୍ଗ- ଆମାନାରା ରାସ୍ତାର ଜୋଙ୍କ ନଦୀ ଉପରେ ନିର୍ମିତ ପୋଲ କାର୍ଯ୍ୟ ଶେଷ ଅବଧିର ୨ମାସ ନ ପୂରୁଣୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିକଳ୍ପ ରାସ୍ତା ନ ଥିବାରୁ ଲୋକେ ବାଧହୋଇ ସେହି ପୋଲ ଉପରେ ଯାତାୟାତ କରୁଛନ୍ତି। ଏହି ରାସ୍ତା ନୂଆପଡ଼ା ସଦର ମହକୁମାଠାରୁ ଛତିଶଗଡ଼ ରାଜ୍ୟକୁ ସିଧାସଳଖ ସଂଯୋଗ କରିଛି। ଜିଲାର ପ୍ରାୟ ୫ରୁ ୭ ପଞ୍ଚାୟତର ଅଧିବାସୀ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପ୍ରତିଦିନ ଲୋକେ ବିଭିନ୍ନ କାମ ପାଇଁ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହ ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଦୂରଦୂରାନ୍ତକୁ ଯିବା ପାଇଁ ନୂଆପଡ଼ା ବସ୍‌ଷ୍ଟାଣ୍ଡକୁ ଆସିଥାନ୍ତି। ସାରାବଙ୍ଗ, ଆନାମାରା, କେନ୍ଦୁବାହାରା, ମୋଟା ନୂଆପଡ଼ା ଆଦି ପଞ୍ଚାୟତର ଲୋକେ ନୂଆପଡ଼ା ସହରକୁ ବେପାର ପାଇଁ ମଧ୍ୟ ଆସିଥାନ୍ତି। ପୋଲ ଭାଙ୍ଗିଗଲେ ଉପରୋକ୍ତ ପଞ୍ଚାୟତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିବ। ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣ ଅବଧିର ୨ମାସ ନ ପୂରୁଣୁ ପୋଲ ଭାଙ୍ଗି କଂକ୍ରିଟ ଫାଟି ତଳକୁ ଦବିବାରେ ଲାଗିଛି। ସୂଚନା ଫଳକ ଅନୁଯାୟୀ ସେତୁ ବନ୍ଧନ ଯୋଜନା ଓଡ଼ିଶା ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨୦.୦୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସେତୁ ନିର୍ମାଣ ହୋଇଛି। କାର୍ଯ୍ୟାରମ୍ଭ ତାରିଖ ୨୦୨୪ ଜାନୁଆରୀ ୨୦ ରହିଥିବା ବେଳେ ଶେଷ ତାରିଖ ୨୦୨୬ ଜାନୁଆରୀ ୧୮ ରହିଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ଏହା ପୂର୍ବରୁ ପୋଲ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଅସାଧୁ ଉପାୟ ଅବଲମ୍ବନକରି ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାରଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କାନ୍ତାରାମ ଦଣ୍ଡସେନା, ଗୋବର୍ଦ୍ଧନ ସାହୁ, ଭୋକସିଂ ମାଝି, ଗଙ୍ଗାରାମ ଦଣ୍ଡସେନା, ଯୋଗେଶ ସାହୁ ପ୍ରମୁଖ ଦାବି କରିଛନ୍ତି ।



ବିପଦସଙ୍କୁଳ ପୋଲ।

## ସଂକ୍ଷେପରେ

### ବେପରୁଆ ବାଇକ୍ ଚାଳନା, ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି

ପଦ୍ମପୁର,୬।୩ (ପ୍ରଦୀପ୍ତ ଦାଶ): ପଦ୍ମପୁର ସହର ଭିତରେ କେତେଜଣ ଯୁବକଙ୍କ ବେପରୁଆ ବାଇକ ଚାଳନା ଯୋଗୁ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଛି। ଭେଡ଼ଁରିଆ ଛକ, କଚେରୀ ଛକ, ଥାନା ଛକ ଆଦି ଗହଳି ସ୍ଥାନ ଗୁଡିକରେ ଦ୍ରୁତ ଗତିରେ ବାଇକ ଚଳାଇବା ଦେଖିବାକୁ ମିଳୁଛି। ଯାହାଫଳରେ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି। ପୋଲିସ ପ୍ରଶାସନ ଗୁରୁତ୍ୱ ଦେଇ ନିୟମିତ ଟ୍ରାଫିକ ଚେକିଂ କରିବା ସହ ବେପରୁଆ ବାଇକ ଚାଳକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

### ଜଗଦଳପୁର ଥାନାରେ ନିଯୁକ୍ତ ହେଲେ ନୂଆ ଥାନାଧିକାରୀ

ପଦ୍ମପୁର,୬।୩(ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଜଗଦଳପୁର ଥାନାରେ ନୂତନ ଥାନାଧିକାରୀ ଭାବେ ଦିପ୍ତୀରଞ୍ଜନ ଦିଗାଲଙ୍କୁ ନିଯୁକ୍ତ କରାଯାଇଛି। ଗତ ତା ୧.୩ ରେ ଏହି ଥାନାର ଆଇନ ଶୃଙ୍ଖଳା ସମସ୍ୟା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ସୁଦୃଢ଼ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ନୂତନ ଥାନାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଥାନାରେ ମହିଳା କର୍ମଚାରୀ ନ ଥିବାରୁ ତୁରନ୍ତ ନିଯୁକ୍ତ କରିବାକୁ ଦାବି ହୋଇଛି ।

### ଆଭାସି ମାଧ୍ୟମରେ ୨ ଥାନା ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

କଲମପୁର/କେସିଙ୍ଗା, ୬।୩ (ଗଣେଶରାମ ବାଗ/ତୁମେଶ୍ୱର ସାହୁ): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କଳାହାଣ୍ଡି ଜିଲାର କଲମପୁର ଓ କେସିଙ୍ଗା ଆଦର୍ଶ ଥାନାକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। କଲମପୁର ଥାନା ପରିସରରେ ଉଦ୍‌ଘାଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ସମାରୋହରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଡୋଲାମଣୀ ଭୋଇ, ଧର୍ମଗଡ଼ ଏସ୍‌ଡିପିଓ ବର୍ଷିତା ଆଡେପୁ, କଲମପୁର ଥାନା ଅଧିକାରୀ ବିଶ୍ୱମ୍ଭର କହଁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେସିଙ୍ଗାଠାରେ ଏସ୍‌ଡ଼ିପିଓ ସନ୍ଦୀପ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେସିଙ୍ଗା ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଆଇଆଇସି ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

### ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ନୂଆପଡ଼ା,୬।୩ (ମକାରୁ ବେମାଲ): ଜାତୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଜିଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୪ ତାରିଖ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡେନ କୋର୍ଟ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିରେ ଦେୱାନୀ, ଫୌଜଦାରି, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ରକୁବାଦ୍‌ଦେଇ), ଜମିଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳଯୋଗାଣ ବିଲ୍‌ଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ ଆଦିର ସମାଧାନ ହୋଇପାରିବ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାନ ପକାଇ ଧାରଣା

## ଟୋକନ ପ୍ରଦାନ, ଧାନ ବିକ୍ରି ଦାବି

ପାଇକମାଳ,୬।୩(ବଡ ଶତପଥୀ)

ଟୋକନ ପ୍ରଦାନ ଓ ଧାନ ବିକ୍ରି ଦାବି ନେଇ ଗୁରୁବାର ପାଇକମାଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାନ ପକାଇ ଧାରଣା ଦେଇଛନ୍ତି ମାଣ୍ଡୋସିଲ ଅଞ୍ଚଳର ଚାଷୀ। ସୂଚନା ଅନୁଯାୟୀ, ଜାମସେଠ ସମବାୟ ସମିତି ଅନ୍ତର୍ଭୁକ୍ତ ଚାଷୀମାନେ ଟୋକନ ପାଇଁ ପଞ୍ଜିକରଣ ସମୟରେ ପ୍ରାୟତଃ ୨୫୫ ଜଣ ଚାଷୀ ଯାନ୍ତ୍ରିକ ତ୍ରୁଟି ଯୋଗୁ ବାଦ ପଡ଼ି ଯାଇଥିଲେ। ଏପରିକି ବରଗଡ଼ ଜିଲାର ପ୍ରାୟତଃ ୫ହଜାରରୁ ଅଧିକ ଚାଷୀ ଏହିପରି ବାଦ ପଡ଼ିବାରୁ ପ୍ରଶାସନିକ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ପ୍ରକାର ସମାଧାନ ନ ହେବାରୁ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଧାରଣା ମଧ୍ୟ ଦେଇଥିଲେ। ଜିଲା ପ୍ରଶାସନ ସମସ୍ତ ଚାଷୀଙ୍କ ଟୋକନ ପ୍ରଦାନ ଓ ଧାନ ବିକ୍ରି ବ୍ୟବସ୍ଥା କରାଯିବା ପ୍ରତିଶ୍ରୁତି ଦେବାପରେ



ଧାରଣାକୁ ପ୍ରତ୍ୟାହୃତ କରିଥିଲେ ଚାଷୀ। ଇତି ମଧ୍ୟରେ କେତେଜଣ ଚାଷୀମାନଙ୍କ ଟୋକନ ପ୍ରଦାନ ଓ ଧାନ ବିକ୍ରି ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଅନ୍ୟ ଚାଷୀଙ୍କ ପାଇଁ ଏ ପର୍ଯ୍ୟନ୍ତ ଟୋକନ ପ୍ରଦାନ କିମ୍ବା ଧାନ ବିକ୍ରି ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରା ଯାଉନାହିଁ। ଜାମସେଠ ସମବାୟ ସମିତିର ୨୫୫ ଜଣ ଚାଷୀଙ୍କ ମଧ୍ୟରୁ କେବଳ ୫୨ ଜଣ ଚାଷୀଙ୍କ ଧାନ ବିକ୍ରି ହୋଇ ପାରିଥିବା ବେଳେ ଆହୁରି ୨୦୩ ଜଣ ଚାଷୀ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି ଚାଷୀ। ଏପରି ସ୍ଥଳରେ ବାଧ୍ୟ ହୋଇ ପାଇକମାଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାନ ରଖି ଟୋକନ ପ୍ରଦାନ ଓ ଧାନ ବିକ୍ରି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଯେତେ ଦିନ ପର୍ଯ୍ୟନ୍ତ ଚାଷୀଙ୍କ ଧାନ ବିକ୍ରି ବ୍ୟବସ୍ଥା କରା ନ ଯିବ ସେତେଦିନ ପର୍ଯ୍ୟନ୍ତ ଧାନ ରଖି ଧାରଣ ଜାରି ରହିବ ବୋଲି ଚେତାବନୀ ଦେଇଚନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି। ଏନେଇ ପାଇକମାଳ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କୁ ପଚାରିବାରୁ, ମୁଁ ଏବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛି ବୋଲି କହିଛନ୍ତି।

# ବୁବୁଡ଼ା ଷୋହଳ ପ୍ରହର ନାମଯଜ୍ଞ ପାଇଁ ଭୂମି ପୂଜନ, ଶୁଭ ସ୍ତମ୍ଭ ସ୍ଥାପନ

ପଦ୍ମପୁର,୬।୩(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅଧୀନସ୍ଥ ବୁବୁଡ଼ା ଗ୍ରାମର ୧୬ ପ୍ରହର ନାମଯଜ୍ଞ ପାଇଁ ଶୁକ୍ରବାର ନାମଯଜ୍ଞ ମଣ୍ଡପ ସମ୍ମୁଖରେ ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି। ଗୌନ୍ତିଆ ଡିଲେଶ୍ୱର ବରିହାଙ୍କ ନେତୃତ୍ୱରେ ପଣ୍ଡିତ ପୂଜକ ପରମେଶ୍ୱର ଦାଶ ପୂଜନ କାର୍ଯ୍ୟ ଆରମ୍ଭ କରିଥିଲେ। ଗ୍ରାମର ବରିଷ୍ଠ ସଦସ୍ୟ ରାଜିବ ବିଶି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ପୂଜନ କାର୍ଯ୍ୟ ସମାପନରେ ନାମଯଜ୍ଞ କମିଟିର ସଦସ୍ୟ ଅର୍ଜୁନ ବଡଗୁଛିଆ, ବିରେନ କୁମାର ଦାଶ, ଧନଞ୍ଜୟ ବୁଡେକ,କ୍ଷୀରନ୍ଧର ବରିହା,ଟିକେଶ୍ୱର ବରିହା,ହେମନ୍ତ ବଡଗୁଛିଆ, ତରଣୀ ସାହୁ, ପଙ୍କଜ ସାହୁ, ଜଗବନ୍ଧୁ ସାହୁ, କୁଳମଣି ମେହେର, ଜୟଲାଲ ବିଶି, ଅମୃତ ବରିହା, କେତନ ବରିହା, କୁବେର ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଭ ସ୍ତମ୍ଭ ସ୍ଥାପନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାର୍ଚ୍ଚ ୨୦ ସକାଳ ୭ଟାରେ କଳସ ଯାତ୍ରା ଅନୁଷ୍ଠିତ ହେବାକୁ ରହିଥିବା ବେଳେ ଅପରାହ୍ନ ୧୨ରେ ଅଖଣ୍ଡ ନାମ ଆରମ୍ଭ ହେବ ବୋଲି କମିଟି ସୂତ୍ରରୁ ସୂଚନା ମିଳିଛି। ମାର୍ଚ୍ଚରେ ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଥଣ୍ଡା ପାନୀୟର ବିଶେଷ ବ୍ୟବସ୍ଥା କରାଯାଉଥିବା ନାମଯଜ୍ଞ ପରିଚାଳନା କମିଟିର ସଭାପତି ବିରେନ କୁମାର ଦାଶ ସୂଚନା ଦେଇଛନ୍ତି। ଚଳିତ ବର୍ଷ ନାମଯଜ୍ଞ ପରିଚାଳନା କମିଟିର ସଭାପତି ବିରେନ କୁମାର ଦାଶ, ଉପ ସଭାପତି ଭାବରେ ଗଜାନନ ବୁଡେକ ଓ ଲିଙ୍ଗରାଜ ବୁଡେକ ସମ୍ପାଦକ ଭାବରେ ହେମନ୍ତ ବଡଗୁଛିଆ, ଯୁଗ୍ମ ସମ୍ପାଦକ ଭାବରେ କ୍ଷୀରସାଗର ବୁଡେକ, କୋଷାଧ୍ୟକ୍ଷ ଭାବରେ ରାଜେଶ ସାହା ଓ ଶମ୍ଭୁ ଡନସନା ପ୍ରମୁଖ ରହି ନାମଯଜ୍ଞ ବ୍ୟବସ୍ଥା ପରିଚାଳନା କରୁଥିବା ଜଣାପଡ଼ିଛି। ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ଡିଲେଶ୍ୱର ବରିହା,ରାଜେଶ ଡନସନା,ପିତବାସ ବୁଡେକ ସପତ୍ନୀକ ପୂଜା କର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିବେ। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ପାଇଁ ଦିବା,ରାତ୍ର ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ



ମେଳା ଉଦ୍‌ଘାଟନ ଅବସରରେ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ,୬।୩( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କଚେରୀ ପଡିଆଠାରେ ଶୁକ୍ରବାର ସନ୍ଧ୍ୟାରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଭୁତି ଭୂଷଣ ନାଏକ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ କୁମାର ଭୋଇ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଜିଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଣୀ ଚିକିତ୍ସା ବିଭାଗର ଜିଲା ପ୍ରଶିକ୍ଷଣ ଅଧିକାରୀ ଡ. ସଂଘମିତ୍ରା ପରମାଣିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ତତ୍ତ୍ୱାବଧାନାରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ତେବେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କାଁ ଭାଁ ଦର୍ଶକ ଦେଖିବାକୁ ମିଳିଥିଲା । ଏହି ମେଳା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ସାଇବର, ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ)

ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରେ ମଧ୍ୟ ଏଭଳି ଏକ ଥାନା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି. ଏସ୍ ମୀନା, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଯୋଗଦାନ କରିଥିଲେ। ସାଇବର ଅପରାଧ ରୋକିବା ଦିଗରେ ଏହି ଥାନା ଜିଲାବାସୀଙ୍କ ପାଇଁ ବେଶ୍ ସହାୟକ ହେବ ଏବଂ ଏହି ଥାନା ପାଇଁ ୪ ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଛି ବୋଲି ଆଇଜି ଲାଲ୍ କହିଥିଲେ। ବର୍ତ୍ତମାନ ସରକାରୀ ବସଷ୍ଟାଣ୍ଡରେ ଏହି ଥାନା ଅସ୍ଥାୟୀ ଭାବେ କାର୍ଯ୍ୟ କରିବ ଏବଂ ଯଥାଶୀଘ୍ର ସାଇବର ଥାନାର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରାଯିବ ବୋଲି ବିଧାୟକ ଷଡ଼ଙ୍ଗୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସହରର ଜନସାଧାରଣ ଉପସ୍ଥିତ ଥିଲେ।

# ସାମୂହିକ ଯୋଗାଭ୍ୟାସ ଶିବିର



ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ ପରିସରରେ ସାମୂହିକ ଯୋଗାଭ୍ୟାସ ଶିବିର।

ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳାମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ ପରିସରରେ ଶୁକ୍ରବାର ସାମୂହିକ ଯୋଗାଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ବରଗଡ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦୦ ମହିଳା ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଜିଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟାରଣୀ ନେପାକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହିଳାମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ନିୟମିତ ଯୋଗାଭ୍ୟାସ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

# ମହିଳାଙ୍କ ଏକଦିବସୀୟ ଛତୁ ଚାଷ ପ୍ରଶିକ୍ଷଣ

ବରଗଡ଼,୬।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଉଦ୍ୟାନ କୃଷି ଭବନସ୍ଥିତ ମାଧୋ ସିଂ ସମ୍ମିଳନୀ କକ୍ଷରେ ଶୁକ୍ରବାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମହିଳାମାନଙ୍କ ପାଇଁ ଛତୁ ଚାଷ ବିଷୟରେ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ତଥା ରାଜ୍ୟ ଯୋଜନା ଅଧୀନରେ ମହିଳା ଚାଷୀମାନଙ୍କୁ ସଶକ୍ତ କରିବା ସହ ଛତୁ ଚାଷକୁ ଏକ ସ୍ଥାୟୀ ଓ ଲାଭଜନକ ଜୀବିକା ଭାବେ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ବରଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ମାଝୀ ମୁଖ୍ୟଅତିଥି, ଜିଲା ସମାଜ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୬୫ରୁ ଅଧିକ ମହିଳା ଚାଷୀଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ




ସାଧନ କର୍ମୀ ଛତୁଚାଷ ଉପରେ ପ୍ରଶିକ୍ଷଣ ଦେଉଛନ୍ତି।

ଜିଲା ଓଡାପଡା ବ୍ଲକ ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ଜାତୀୟ ପୁରସ୍କାରପ୍ରାପ୍ତ ଛତୁ ଚାଷୀ ଅଜୟ ପୃଷ୍ଟି ମୁଖ୍ୟ ସାଧନ କର୍ମୀ ଭାବେ ଯୋଗଦେଇ ଛତୁ ଚାଷ କ୍ଷେତ୍ରରେ ନିଜର ୩୦ ବର୍ଷରୁ ଅଧିକ ଅନୁଭବ ଓ ପ୍ରାୟୋଗିକ ଜ୍ଞାନ ଉପସ୍ଥିତ ମହିଳାମାନଙ୍କୁ ପ୍ରଦାନ କରିଥିଲେ। ସେହିପରି ବରପାଲି ନିବାସୀ ବଟନ୍ ମସରୁମ୍ ଉତ୍ପାଦକ ତଥା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜଣେ ସଫଳ ଉଦ୍ୟମୀ ଅଭିନବ ପଟ୍ଟନାୟକ ଏବଂ ଅତ୍ତାବିରା ବ୍ଲକ୍ ଅନ୍ତର୍ଗତ କୁଲୁଣ୍ଡା ଗ୍ରାମର ମସରୁମ୍ ସ୍ପନ୍ ଉତ୍ପାଦକ ତଥା ଚାଷୀ ଦିନେଶ ସାହୁ ମଧ୍ୟ ସାଧନ କର୍ମୀ ଭାବେ ଯୋଗ ଦେଇଥିଲେ। ସେମାନେ ଛତୁ ଚାଷର ବୈଜ୍ଞାନିକ ପ୍ରଣାଳୀ, ପ୍ଲାଷ୍ଟିକ୍ କ୍ରେଟ୍ ମଧ୍ୟରେ ମସରୁମ୍ ବେଡ୍ ପ୍ରସ୍ତୁତି, ସ୍ପନ୍ ବ୍ୟବସ୍ଥାପନ ଆଦି ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ଦେବା ସହ ଛତୁ ଚାଷକୁ ଏକ ଲାଭଦାୟକ ଚାଷଭାବେ ଗ୍ରହଣ କରିବାକୁ ସମସ୍ତଙ୍କୁ ବୁଝାଇଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଝାରବନ୍ଧ,୬।୩(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ଅନ୍ତର୍ଗତ ଅଡାପାଣିଠାରେ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୋଖରୀରୁ ୧୦୮ ପୂର୍ଣ୍ଣ କଳସ ଆଣି ଗାଁ ରେ କଳସ ଶୋଭାଯାତ୍ରା ପରେ ରାଧା କୃଷ୍ଣ ପ୍ରତିମୂର୍ତ୍ତି ଠାରେ ସ୍ଥାପନ କରି ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା । ଏହି ନାମଯଜ୍ଞରେ ଅଡାପାଣି, କୁଦୋଗୁଡା, ଲେରଗାଁ, ବିଜରାଭଟା, ଖଇରଖୁଟା, ସଂକୀର୍ତନ ଦଳ ଅଂଶଗ୍ରହଣ କରି ନାମରସ୍ତ କରିଛନ୍ତି। ଏହି ଯଜ୍ଞରେ କର୍ତ୍ତା ଭାବରେ ସୁନୀଲ ବରିହା ଓ ତାଙ୍କର ସହଧର୍ମିଣୀ ମାଧବୀ ବରିହା କାର୍ଯ୍ୟ ତୁଲାଉ ଥିବାବେଳେ ଯଜ୍ଞ ପୁରୋହିତ ଭାବରେ ପଣ୍ଡିତ ଝସକେତନ ନନ୍ଦ, ସନାତନ ନନ୍ଦ ପୂଜା କାର୍ଯ୍ୟକ୍ରମ ତୁଲାଉଛନ୍ତି। ରବିବାର ଯଜ୍ଞ ପୂର୍ଣ୍ଣାହୁତି ହେବ।

# ସାଇବର ଥାନା ଉଦ୍‌ଘାଟିତ



ବୌଦ୍ଧ,୬।୩ (ଅଜିତ କୁମାର ବାରିକ)

ବୌଦ୍ଧରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶୁକ୍ରବାର ଦିନ ବୌଦ୍ଧ ଆଦର୍ଶ ଥାନା ପରିସରରେ ଉଦ୍‌ଘାଟିତ ହୋଇଛି । ଭୁବନେଶ୍ୱରରୁ ଆଭାସି ଜରିଆରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଥାନାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ମନ୍ତ୍ରୀ ଓ ଏମ୍‌ପି ଉପସ୍ଥିତ ଥିଲେ । ଏହି ଥାନା ବୌଦ୍ଧ ଆଦର୍ଶ ଥାନା ପରିସର ମଧ୍ୟରେ ଉଦଘାଟିତ ହୋଇଛି । ଉଦ୍‌ଘାଟନ ସମୟରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ , ଏସ୍‌ଡିପିଓ ଲରେନ ରାଉତ, ଡିଏସ୍‌ପି ସସ୍ମିତା ଟେଟେ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ନୂତନ ସାଇବର ଥାନାର ଅଧିକାରୀ ରଞ୍ଜିତ କୁମାର ମୁନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୂଚନା ଅଧିକାର ଉପରେ ଜିଲାସ୍ତରୀୟ କର୍ମଶାଳା

ବୌଦ୍ଧ,୬।୩( ଅଜିତ କୁମାର ବାରିକ)

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଦିନ ସୂଚନା ଅଧିକାର ଅଧିନିୟମ ନେଇ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଅଧ୍ୟକ୍ଷତା କରିଥିଲେ । କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲାପାଳ ବିଭୁତି ଭୂଷଣ ନାୟକ ଯୋଗଦେଇ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ଲୋକାଭିମୁଖି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ହୋଇଥିବା ଓଡିଆ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ନଗଦ ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପକ ପ୍ରବୀର କୁମାର ଦାସ, ଅଧ୍ୟାପକ ଉତ୍ତମ କୁମାର ବେହେରା, ସୂଚନା ଅଧିକାର କର୍ମୀ କେଦାରନାଥ ସାହୁ, ଶିକ୍ଷକ ନବ କୁମାର ଦୀପ କାର୍ଯ୍ୟ ତୁଲାଇଥିଲେ । କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ସୂଚନା ଅଧିକାର ଉପରେ ରଶ୍ମିରଞ୍ଜନ ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ହାତୀ ଉପଦ୍ରବ: ପନିପରିବା, ଡାଲୁଅ ଧାନ ଫସଲ ନଷ୍ଟ

ବଘିଆପଡ଼ା,୬।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବନଖଣ୍ଡ ବଳାସିଙ୍ଗା ସହରୀ ବନୀକରଣ ଜଙ୍ଗଲରୁ ଗୁରୁବାର ରାତିରେ ୧୧ ଟିକିଆ ହାତୀ ପଲ ସାଲୁଙ୍କି ନଦୀ ପାର ହୋଇ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ଗୋବିନ୍ଦପୁର ଓ ମର୍ଜାଡିପୁର ଅଞ୍ଚଳକୁ ପଳାଇ ଆସି ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ହାତୀପଲ ଏହି ଅଞ୍ଚଳରେ ଚାଷ ହୋଇଥିବା ପନିପରିବା ଓ ଡାଲୁଅ ଧାନ ଫସଲ ନଷ୍ଟ କରି ଦେଇଛନ୍ତି । ସୁନୀଲ ପ୍ରଧାନ, ସୁରୁବାବୁ ଭୋଇ ଓ ଲଳିତ ନାଏକଙ୍କ କଦଳୀ ବଗିଚାରେ ପଶି କଦଳୀ ଖାଇ ଗଛଗୁଡିକ ଦଳି ମକଚି ଦେଇଛନ୍ତି । ଘାସିରାମ ଝାଙ୍କର, ବୃହସ୍ପତି ନାଏକଙ୍କ ମକା ବଗିଚା, ବଜି ମହାକୁଡ଼ଙ୍କ ସାରୁ ବଗିଚା ଏବଂ ଅଭିମନ୍ୟୁ ପ୍ରଧାନ, ବାବାଜୀ ନାଏକ,କୈବଲ୍ୟ ପ୍ରଧାନ,ନୟନ ପ୍ରଧାନଙ୍କ ଧାନ କ୍ଷେତରେ ପଶି ଚାଷ କରାଯାଇଥିବା ଡ଼ାଲୁଅ ଧାନ ଫସଲ ନଷ୍ଟ କରିଛନ୍ତି । ସେହିପରି ସୁରୁବାବୁ ଭୋଇ, ଚିନ୍ତାମଣି ଭୋଇ, କେଦାରନାଥ ପରିଡାଙ୍କ ଜମିରେ ଚାଷ ହୋଇଥିବା ତରଭୁଜ ଖାଇ ଯାଇଛନ୍ତି । ଚାଷୀଙ୍କ ନଷ୍ଟ ହୋଇଥିବା ପନିପରିବା ଓ ଧାନର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଏନେଇ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ ମଧ୍ୟ କୌଣସି କର୍ମଚାରୀ ଉକ୍ତ ଅଞ୍ଚଳ ପରିଦର୍ଶନରେ ଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହାତୀ ପଲ ଗୋବିନ୍ଦପୁର ଅଞ୍ଚଳରେ ଫସଲ ନଷ୍ଟ କରିବା ସହ ବଳାସିଙ୍ଗା ଅଞ୍ଚଳକୁ ପଳାଇ ଯାଇଛନ୍ତି । ହାତୀପଲ ପୁଣି ପଳାଇ ଆସିବା ଆଶଙ୍କାରେ ଉପରୋକ୍ତ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ବନ ବିଭାଗ ପକ୍ଷରୁ ହାତୀପଲ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ହାତୀ ପଲ ନଷ୍ଟ କରିଥିବା ଫସଲ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ,୬।୩(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଜିଲା ହେମଗିର ଥାନା ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜଣେ ୫ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଛି। ଶୁକ୍ରବାର ଏ ସମ୍ପର୍କରେ ପିଡୀତଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଭାଜପାର ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରମିଳାଙ୍କ ଇସ୍ତଫା

**ବନ୍ଧମୁଣ୍ଡା,୬।୩(ସୁବ୍ରତ ଦେ):** ଭାଜପାର ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରମିଳା ସୁନା ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦରୁ ଇସ୍ତଫା ଦେଇଥିବା ସୂଚନା ମିଳିଛି। ଏନେଇ ସେ ରାଉରକେଲା ସାଙ୍ଗଠନିକ ଜିଲା ସଭାପତିଙ୍କୁ ସମ୍ବୋଧନ କରି ଲିଖିତ ଭାବେ ଏକ ପତ୍ର ପ୍ରଦାନ କରିଛନ୍ତି। ନିଜ ପତ୍ରରେ ପ୍ରମିଳା ଉଲ୍ଲେଖ କରିଛନ୍ତି ଯେ, ସେ ଦୀର୍ଘଦିନ ଧରି ଭାରତୀୟ ଜନତା ପାର୍ଟିରେ



ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ସଙ୍ଗଠନ ପାଇଁ କାମ କରି ଆସୁଛନ୍ତି। କିନ୍ତୁ କିଛି ବ୍ୟକ୍ତିଗତ କାରଣରୁ ସେ ଦଳୀୟ ଦାୟିତ୍ୱ ଠିକ ଭାବେ ପାଳନ କରିବାରେ ସମୟ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ଜଣାଇଛନ୍ତି। ଏହି କାରଣରୁ ସେ ସ୍ୱଇଚ୍ଛାରେ ନିଜ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ତଥାପି ସେ ନିଜ ପତ୍ରରେ ଏହା ମଧ୍ୟ କହିଛନ୍ତି, ଆଗାମୀ ଦିନରେ ସେ ଦଳର ଜଣେ ସମର୍ପିତ କାର୍ଯ୍ୟକର୍ତ୍ତା ଭାବେ ସଙ୍ଗଠନକୁ ମଜଭୁତ କରିବା ଓ ଦଳକୁ ଆଗକୁ ନେବା ପାଇଁ କାମ କରିବେ। ସେ ନିଜ ଇସ୍ତଫା ପତ୍ରର ନକଲ ଭାଜପା ଓଡ଼ିଶା ପ୍ରଦେଶ ସଭାପତି ମନମୋହନ ସାମଲ, ପ୍ରଦେଶ ସାଧାରଣ ସଚିବ (ସଙ୍ଗଠନ) ମାନସ ମହାନ୍ତି ଓ ଜିଲା ପ୍ରଭାରୀ ବଟକୃଷ୍ଣ ମିଶ୍ରଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

# ଜଳ ସଂରକ୍ଷଣ କରିବା ସମସ୍ତଙ୍କ ଦାୟିତ୍ୱ

## ଜଳ ଅର୍ପଣ ଦିବସ ପାଳିତ

**ବଡ଼ଗାଁ, ୬।୩(ଅଶୋକ ଷଡଙ୍ଗୀ)**



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଦାଣ୍ଡଜମିରା ପଞ୍ଚାୟତ ଯାଜପୁର ଗ୍ରାମରେ ଗୁରୁବାର ଜଳ ଓ ପରିମଳ ବିଭାଗ ପକ୍ଷରୁ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଜଳ ସଂରକ୍ଷଣ କରିବା ଆମ ସମସ୍ତଙ୍କର ଦାୟିତ୍ୱ କହିବା ସହ ଜଳ ହିଁ ଜୀବନ ବୋଲି କହିଥିଲେ। ଏହି ପ୍ରକଳ୍ପ ଦାଣ୍ଡଜମିରା ପଞ୍ଚାୟତର ସମସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଇବ ବୋଲି ସୂଚନା ଦେଇଥିଲେ। ଏହାସହ ରାଜ୍ୟ ସରକାର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ବଦ୍ଧ ପରିକର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲା ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଏଡିଏମ୍ ସୁରଜ ପଟ୍ଟନାୟକ, ଅଧୀକ୍ଷଣ ଯନ୍ତ୍ରୀ ମଧୁସ୍ମିତା ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ, ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ବାବୁଲି କର୍ସେଲ, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ହାହା, ଡାକ୍ତର ସାରଦା ପ୍ରସନ୍ନ ଜେନା,ଏବିଡିଓ ଉଷାବତୀ ଗରଡିଆଙ୍କ ସହିତ କର୍ମଚାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ମଳୟ ରଞ୍ଜନ ରାଉଡିଆ ପରିଚାଳନା କରିଥିଲେ। ଆୟୋଜିତ ଜଳ ଅର୍ପଣ ଦିବସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଓ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତର ଜନ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଯାଜପୁର ଗ୍ରାମରେ ହର ଘର ଜଳ ତଥା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଜଳ ପରିମଳ ବିଭାଗ ପକ୍ଷରୁ ଦାଣ୍ଡଜମିରା ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ପ୍ରକଳ୍ପ ହେବା ଦ୍ୱାରା ଦାଣ୍ଡଜମିରା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟ ଜଳ ପହଞ୍ଚି ପାରିବ।

# ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା



ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**କୁତ୍ରା,୬।୩ (ଦେବାଶିଷ ସାହୁ)**

କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ରାଇଜିଙ୍ଗ ଇଣ୍ଡିଆ ଅନ୍ତର୍ଗତ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ପ୍ରାୟ ଚାରି ଶହ ଛାତ୍ରୀଛାତ୍ରଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଓ ସମୟରେ ରୋଗ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଏହି ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ଡା. ଗଣେଶ ସରାଫ, ଡା. ତପସ୍ୱିନୀ ସାହୁ ଓ ଡା.ଶୁଭମ ନାଏକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡାକ୍ତରମାନେ ଛାତ୍ରୀଛାତ୍ରଙ୍କ ଉଚ୍ଚତା, ଓଜନ, ଚକ୍ଷୁ ପରୀକ୍ଷା, ରକ୍ତଚାପ, ଦାନ୍ତ ଆଦି ଯାଞ୍ଚ କରି ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଦେଇଥିଲେ। କେତେଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ରୋଗ ଲକ୍ଷଣ ଦେଖାଦେଇଥିବାରୁ ସେମାନଙ୍କୁ ଆବଶ୍ୟକ ଔଷଧ ଓ ଚିକିତ୍ସା ପରାମର୍ଶ ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ, ଦୀପିକା କେର୍କେଟା, ଧୃତିସୁନ୍ଦର ସାହୁ, ଅବିନାଶ କର, ସ୍ମୃତିସ୍ୱରୂପ ଦାସ ଓ ରୋହିତ ଜୟପୁରିଆ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ କହିଥିଲେ, ଛାତ୍ରୀଛାତ୍ରଙ୍କ ଶିକ୍ଷା ସହ ସ୍ୱାସ୍ଥ୍ୟର ଯଥାର୍ଥ ଯତ୍ନ ନିଆଯିବା ଅତ୍ୟନ୍ତ ଆବଶ୍ୟକ। ସମୟୋପଯୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ରୋଗକୁ ପ୍ରାରମ୍ଭରୁ ଚିହ୍ନଟ କରି ଠିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରିବ। ସେ ଆଗାମୀ ଦିନରେ ମଧ୍ୟ ଏପରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ଜଣାଇଥିଲେ।

# ମହିଳାମାନେ ସୁସ୍ଥ ଜୀବନଶୈଳୀ ଆପଣାଇବା ଉପରେ ଗୁରୁତ୍ୱାରୋପ


ମାସ୍ ଫିଟନେସ ଓ ଯୋଗ କାର୍ଯ୍ୟକ୍ରମରେ ଛାତ୍ରୀମାନେ।

**ସୁନ୍ଦରଗଡ଼,୬।୩(ଜୟ ନାରାୟଣ ମେଣ୍ଡୁଲୀ)**

## ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶୁକ୍ରବାର ସ୍ଥାନୀୟ ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଏକ ମାସ ଫିଟନେସ ଏବଂ ଯୋଗ କାର୍ଯ୍ୟକ୍ରମ ତଥା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଶେଷଜ୍ଞ ଡ. ସସ୍ମିତା ପଣ୍ଡା ମହିଳାମାନଙ୍କର ପୋଷଣ ଓ ସ୍ୱାସ୍ଥ୍ୟ ସେବା ବିଷୟରେ ମୂଲ୍ୟବାନ ତଥ୍ୟ ଓ ପରାମର୍ଶ ଦେଇଥିଲେ। ସେହିଭଳି ମହିଳାମାନେ ସୁସ୍ଥ ଜୀବନଶୈଳୀ ଆପଣାଇବା ସହିତ ସନ୍ତୁଳିତ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱାରୋପ କରିବା ନେଇ ଆଲୋକପାତ କରିଥିଲେ। ପରେ ଯୋଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ପ୍ରଶିକ୍ଷକ ଅନୁରାଧା ନାଏକ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଯୋଗ ଆସନ ଉପରେ ପ୍ରଶିକ୍ଷଣ ଦେଇଥିଲେ ଏବଂ ଯୋଗ ଅଭ୍ୟାସ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାର ମହିଳା ଓ ମହିଳା କ୍ରୀଡାବିତ, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ, ରାଜ୍ୟ କ୍ରୀଡା ହୋଷ୍ଟେଲ ଓ ସାଇ ହୋଷ୍ଟେଲରୁ ବହୁ ସଂଖ୍ୟାରେ ପ୍ରଶିକ୍ଷାର୍ଥୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମାସ ଫିଟନେସ ଓ ଯୋଗ କାର୍ଯ୍ୟକଳାପ ସହିତ ସଚେତନତା ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କି ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରଯାଇଥିଲା।

### ଇନଫିନିଟ ଇଭେଣ୍ଟ ପକ୍ଷରୁ ହୋଲି ଉତ୍ସବ

**ସୁନ୍ଦରଗଡ,୬।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସହରରେ ପ୍ରଥମ ଥର ପାଇଁ ଇନଫିନିଟ ଇଭେଣ୍ଟ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଜେଡିଆର ପରିସରରେ ହୋଲି ଉତ୍ସବ ବୁଧବାର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସହର ଓ ଆଖପାଖ ଅଞ୍ଚଳରୁ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ଡିଜେ ସଙ୍ଗୀତର ତାଳରେ ଲୋକମାନେ ନୃତ୍ୟ କରି ହୋଲିର ରଙ୍ଗରେ ମଜିଯାଇଥିଲେ। ସୁନ୍ଦରଗଡ଼ରେ ଏପରି ଭାବରେ ବିଶାଳ ହୋଲି ଉତ୍ସବ ପ୍ରଥମ ଥର ହେବାରୁ ଏହା ସହରବାସୀଙ୍କ ମଧ୍ୟରେ ବହୁତ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ ଆଙ୍କର ମନୋଜ କୁମାର ସାହୁ ଓ ପୂଜା ରଥ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ତନୟା ମିଶ୍ର, ପୂର୍ବତନ ବିଧାୟିକା କୁସୁମ ଟେଟେ, ସଦର ଏସଡିପିଓ ନିର୍ମଳ ନାଏକ, ଟାଉନଥାନା ଆଇଆଇସି ସୁଶାନ୍ତ କୁମାର ପରିଡା,ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଯଶୋବନ୍ତ ନାଏକ, ମୀନାକ୍ଷି ନାଏକ, ସଚିନ ବିଶ୍ୱକର୍ମା, ରୂପେଶ ପଟେଲ, ଚିନ୍ମୟ ପତି,ରାକ୍ଷୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ସୁଜାତା ପଟେଲ, ପୂଜା ବେରିହା, ଅଜିତ ଶର୍ମା, ରୋଶନ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଦର୍ଜୀଂ ଜୁନିୟର ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଲହୁଣୀପଡ଼ା,୬।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜୀଂ ପଞ୍ଚାୟତସ୍ଥିତ ଦର୍ଜୀଂ ଜୁନିୟର ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମୁଖ୍ୟ ବକ୍ତାଭାବେ କେ. ବଲାଙ୍ଗ ଶାନ୍ତିଦେବୀ ଉଚ୍ଚ ବିଦ୍ୟାଳୟର ଇଂଲିଶ ଶିକ୍ଷକ ପଞ୍ଚାନନ ସାହୁ, ସମ୍ମାନିତ ଅତିଥିଭାବେ ଟେଣ୍ଡରା ଅରକ୍ଷିତ ଅସକରା ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ନାରାୟଣ ପାତ୍ର, ଗମ୍ପା ମୁଣ୍ଡା, ରାଜୁ ପାତ୍ର, ଟେଣ୍ଡରା ବାସୁଦେବ ମହାବିଦ୍ୟାଳୟର ପ୍ରତିଷ୍ଠାତା ବାସୁଦେବ ପାତ୍ର, ଦୁର୍ଯ୍ୟୋଧନ ମାହାନ୍ତ, ଓମନ୍ତ କୁମାର ମାହାନ୍ତ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସୁନିତା ନାଏକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମ୍ପାଦକ ଶିବ ଶଙ୍କର ପଟେଲ ଅଧ୍ୟକ୍ଷତା କରିଥିବା ବେଳେ ପ୍ରୀତି କୁମ୍ଭାର ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ନାରାୟଣ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁଷମା ମୁଣ୍ଡା, ହାସିନା କୁମ୍ଭାର, ନମିତା କୁମ୍ଭାର, ଅଜୟ କୁମ୍ଭାର, ସୁଶାନ୍ତ କୁମ୍ଭାରଙ୍କ ସମେତ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଥମ ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ।

# ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ



**ସୁନ୍ଦରଗଡ,୬।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଟାଉନଥାନା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ଥାନାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ ଟାଉନଥାନା ପରିସରରେ ଉଦଘାଟିତ ଏହି ସାଇବର ଓ ଅର୍ଥନୈତିକ ଥାନା ପ୍ରାଙ୍ଗଣରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି, ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ, ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌରାଧ୍ୟକ୍ଷା ତନୟା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ,ଏସପି ଅମ୍ରିତ ପାଲ କୌର, ସଦର ଉପଜିଲାପାଳ ତେଜସ୍ୱିନି ବେହେରା, ଆଇଏଏସ ଶିକ୍ଷା ନବୀଶ ଫାବୀ ରସିଦ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସଦର ଏସଡିପିଓ ନିର୍ମଳ ଚନ୍ଦ୍ର ମହାପାତ୍ର, ସାଇବର ଥାନା ଆଇଆଇସି ମୁକେଶ ସାହାଣୀ, ଟାଉନଥାନା ଆଇଆଇସି ସୁଶାନ୍ତ କୁମାର ପରିଡାଙ୍କ ସମେତ ସହରର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସୁନ୍ଦରଗଡ ପୋଲିସ ଜିଲାରେ ପ୍ରଥମ। ସାଇବର ଓ ଅର୍ଥନୈତିକ ମାମଲା ଗୁଡିକର ତ୍ୱରିତ ତଦନ୍ତ ଓ ନିୟନ୍ତ୍ରଣରେ ଏହା କାର୍ଯ୍ୟ କରିବ ବୋଲି ଅତିଥି ମାନେ ଆଶା ପ୍ରକାଶ କରିଥିଲେ।

# ଜିଲାରେ ୨ୟ ପର୍ଯ୍ୟାୟରେ ୬୬ ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ

**ସୁନ୍ଦରଗଡ,୬।୩(ଜୟ ନାରାୟଣ ମେଣ୍ଡୁଲି)**


ସଦର ବ୍ଲକ କୁମୁଟୀମୁଣ୍ଡାରେ ଉଦଘାଟିତ ଆମ କଳିକା କେନ୍ଦ୍ର।

ଶ୍ରମଜୀବୀ ମହିଳାଙ୍କ ଶିଶୁର ଯତ୍ନ ନେବା ପାଇଁ ସୁନ୍ଦରଗଡ ଜିଲାରେ ଆମ କଳିକା କେନ୍ଦ୍ର କାର୍ଯ୍ୟକ୍ରମ ଚାଲୁଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଦ୍ୱାରା ପରିଚାଳିତ ହେବାକୁ ଥିବା ୧୮୨ ଟି କଳିକା କେନ୍ଦ୍ର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୦ ଟି କଳିକା କେନ୍ଦ୍ର କାର୍ଯ୍ୟକାରୀ କରାଯାଇଥିଲା। ଶୁକ୍ରବାର ଏହାର ଦ୍ୱିତୀୟ ପର୍ଯ୍ୟାୟରେ ଜିଲାର ୫ ଟି ବ୍ଲକରେ ୬୬ ଟି ଆମ କଳିକା କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସୁନ୍ଦରଗଡ ସଦର ବ୍ଲକରେ ୧୨ ଟି, ସବଡେଗା ବ୍ଲକରେ ୨୫, ବାଲିଶଙ୍କରାରେ ୧୩, ଟାଙ୍ଗରପାଲିରେ ୧୨ ଏବଂ ଲେଫ୍ରିପଡା ବ୍ଲକରେ ୪ ଟି କେନ୍ଦ୍ର କାର୍ଯ୍ୟକାରୀ କରାଯାଇଛି । ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ତତ୍ତ୍ୱାବଧାନରେ ତଥା ଓମ୍ୟାଡିସି ଓ ଜିଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ସୁନ୍ଦରଗଡ ଜିଲାରେ ସ୍ୱଚ୍ଛେସେବୀ ଅନୁଷ୍ଠାନ ସେବକ ପ୍ରତ୍ୟକ୍ଷ ଭାବେ ୬ ଟି ବ୍ଲକରେ ସମସ୍ତ କଳିକା କେନ୍ଦ୍ର ପରିଚାଳନା ଦାୟିତ୍ୱ ବହନ କରିଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମିତି ସଭ୍ୟାସଭ୍ୟ, ସରପଞ୍ଚ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନୱାଡି ସୁପରଭାଇଜର, ୱାର୍ଡ ସଭ୍ୟାସଭ୍ୟ, ଆଙ୍ଗନୱାଡି କର୍ମୀ, ଆଶା ପ୍ରମୁଖ ଉପସ୍ଥିତ ରହି ଆମ କଳିକା କେନ୍ଦ୍ର ଗୁଡିକର ଉଦ୍‌ଘାଟନ କରିଥିଲେ। ସେବକ ତରଫରୁ ପ୍ରକଳ୍ପ ସଂଯୋଜିକା ସଞ୍ଜୁ ପଟେଲ, ସୂଚୀସ୍ମିତା ନାଥ, କ୍ରେଚ ମ୍ୟାନେଜର ଶିଳ୍ପା ସୋରେଙ୍ଗ, ଆର୍ତିଲିନା ସୋରେଙ୍ଗ ଏବଂ କ୍ଷେତ୍ର ପରିଦର୍ଶିକା ସଞ୍ଜୁକ୍ତା ବାରିକ, ମିନୁ ବୁଡା, ଧରିତ୍ରୀ କାଲୋ, ଝରନା ଶଙ୍କରିୟା, ବାସନ୍ତି ଟପ୍ପୋ, ରାଖୀ ମହାକୁଡ଼, ସୋମ୍ୟ ନାଏକ, ସୁମତି ବରଡିଆ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କଳିକା କେନ୍ଦ୍ରରେ ସକାଳୁ ସନ୍ଧ୍ୟା ଯାଏ ୩ ଥର ସୁଷମ ଓ ପୁଷ୍ଟିକର ଖାଦ୍ୟ ଦିଆଯିବ। ଶିଶୁଙ୍କୁ ଶୌଚ କରାଇବାଠାରୁ ଆରମ୍ଭ କରି ସେମାନଙ୍କର ଉଚିତ ଯତ୍ନ ନିଆଯିବ ବୋଲି ଜଣାପଡିଛି ।

# ଗୁପ୍‌ଚୁପ୍ ବିକାଳି ନିଖୋଜ ହେବାର ୨୦ ଦିନ ପୂରିଲା

## ଟେର୍ ପାଉନି ପୋଲିସ

**କୁଆଁରମୁଣ୍ଡା,୬।୩(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ବଜାରରୁ ଜଣେ ଗୁପଚୁପ ବିକାଳି ନିଖୋଜ ହେବାର ଆଜିକୁ ୨୦ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ତାଙ୍କର କୌଣସି ଟେର ପାଉନି। କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଭାଟିଟୋଲିନିବାସୀ ସନ୍ଦୀପ ସାହୁ କୁଆଁରମୁଣ୍ଡା ବଜାରରେ ଗୁପଚୁପ ବିକୁଥିଲେ। ଫେବୃଆରୀ ୧୩ ତାରିଖ ରାତିରୁ ସେ ନିଖୋଜ ଅଛନ୍ତି। ନିକଟରେ ସେ ବିବାହ କରିଥିଲେ। ଏବେ ତାଙ୍କର ଫେରିବା ବାଟକୁ ଅନାଇ ଆଖିରୁ ଲୁହ ଝରାଇ ଚାଲିଛନ୍ତି ନବବିବାହିତା ସ୍ତ୍ରୀ। ଘଟଣାକୁ ୨୦ ଦିନ ପୁରିବା ପରେ ମଧ୍ୟ ପୋଲିସ ତାଙ୍କର କୌଣସି ଟେର ପାଇପାରୁନାହିଁ। ଏହା ପୋଲିସର ପାରିବା ପଣିଆ ପ୍ରତି ସ୍ପଷ୍ଟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ପରିବାର ଲୋକେ ମଧ୍ୟ ପୋଲିସ ଉପରୁ ଭରସା ହରାଇବାକୁ ବସିଲେଣି। ଏ ନେଇ ବୀରମିତ୍ରପୁର ଥାନା ଆଇଆଇସି ରାମ ପ୍ରସାଦ ନାଗଙ୍କୁ ଯୋଗାଯୋଗ କରାଯିବାରୁ, ସିସି ଟିଭି ଫୁଟେଜରେ ସନ୍ଦୀପ ନିଜେ ଘଟଣା ଦିନ ରାଉରକେଲାରୁ ଟ୍ରେନରେ ଯାଇଥିବାର ଜଣାପଡିଛି। ଗତ ସପ୍ତାହରେ ସେ ଛତିଶଗଡ ଯାଇଥିବା ମଧ୍ୟ ତାଙ୍କ ମୋବାଇଲ ଫୋନ ଟ୍ରାକିଂରୁ ଜଣାପଡିଥିଲା। ଏପରିକି ଛତିଶଗଡ଼ରେ ଥିବା କୁଆଁରମୁଣ୍ଡାର ୨ ଯୁବତୀଙ୍କ ସହ ସେ ହ୍ୱାଟସଆପରେ ମଧ୍ୟ କଥା ହୋଇଥିବା ଜଣାପଡ଼ିଛି। ତାଙ୍କୁ ଉଦ୍ଧାର କରିବା ନେଇ ଆମେ ଉଦ୍ୟମ ଜାରି ରଖିଛୁ ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି।

# ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

**କୁତ୍ରା,୬।୩(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରାସ୍ଥିତ ସର୍ଗୁକିଷାନ ଉଚ୍ଚ ବିଦ୍ୟାଳୟରେ ଇକୋକ୍ଲବ ଆନୁକୂଲ୍ୟରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଇଓ ଅନନ୍ତ କୁମାର ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏବିଇଓ ନିରଞ୍ଜନ ରାଉଳ ଓ ପ୍ରଶିକ୍ଷକ ଭାବରେ ସୋମନାଥ ପ୍ରଧାନ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱାବଲମ୍ବି କରିବା ଏବଂ ବିଦ୍ୟାଳୟ ସ୍ତରରେ ପରିବେଶ ସଚେତନତା ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛତୁ ଚାଷର କୌଶଳ ଉପରେ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି କମ୍ ପୁଞ୍ଜି ଓ କମ୍ ସମୟରେ କିଭଳି ଅଧିକ ଲାଭଦାୟକ କୃଷି ଉଦ୍ୟୋଗ ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବ। ସେମାନେ ତାଲିମ ନେବା ପରେ ଛାତ୍ରୀଛାତ୍ରଙ୍କୁ କୃଷିଭିତ୍ତିକ ଓ ପରିବେଶ ସୁରକ୍ଷା ବିଷୟରେ ବ୍ୟବହାରିକ ଶିକ୍ଷା ଦେବାରେ ସକ୍ଷମ ହେବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆତ୍ମ ନିର୍ଭରଶୀଳତାକୁ ବହୁ ମାତ୍ରାରେ ପ୍ରୋତ୍ସାହିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଇକୋକ୍ଲବ ଇନଚାର୍ଜ ପ୍ରିୟଦର୍ଶିନୀ ପାଢୀ ଓ ଏନର୍ଜି କ୍ଲବ ଇନଚାର୍ଜ ହରେକୃଷ୍ଣ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ପନିପରିବା ଉଦ୍ୟାନ ସମ୍ପର୍କିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୬।୩(ଜୟ ନାରାୟଣ ମେଣ୍ଡୁଲି)**



ଆୟୋଜିତ ସଭାରେ ଉପସ୍ଥିତ ଅତିଥି, ଅଧ୍ୟକ୍ଷା,ଅଧ୍ୟାପିକା ଅଧ୍ୟାପକ।

ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇକୋ କ୍ଲବ ତରଫରୁ ସୋମବାର ପନିପରିବା ଉଦ୍ୟାନ ସମ୍ପର୍କିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ବବିତା ଭିତ୍ରିଆ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ ସହ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ଯୋଗଦେଇ ଘର ଛାତ ଉପରେ କିପରି ପନିପରିବା କରାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ରାଉରକେଲା ଏନ୍‌ଆଇଟିର ପ୍ରଫେସର ପୀତାମ୍ବର ମହାନନ୍ଦିଆ ଯୋଗଦେଇଥିଲେ। ବିଷୟ ବିଶେଷଜ୍ଞ ଭାବେ ସୁନ୍ଦରଗଡ ବ୍ଲକ କୃଷି ଅଧିକାରୀ ମୋନାଲିସା ଜେନା ଯୋଗ ଦେଇ ପାରମ୍ପରିକ ଓ ଜୈବିକ ପଦ୍ଧତିରେ କିପରି ପନିପରିବା ଉଦ୍ୟାନ ସୃଷ୍ଟି କରିହେବ ସେ ବିଷୟରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଆଲୋକ କୁମାର ନାଏକ ଘର ପରିସର ତଥା ଶିକ୍ଷାନୁଷ୍ଠାନ ପରିସରରେ ପନିପରିବା ଉଦ୍ୟାନ କାହିଁକି ଆବଶ୍ୟକ ସେ ବିଷୟରେ କହିଥିଲେ। ସହକାରୀ ପ୍ରଫେସର ନୂତନ ଖମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇକୋ କ୍ଲବ ସଂଯୋଜକ ରତ୍ନେଶ ରଞ୍ଜନ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

**ସମଲେଶ୍ୱରୀ ଏକ୍ସପ୍ରେସ୍‌ରୁ ଖସି ଯୁବକ ମୃତ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ରେଳ ଷ୍ଟେଶନରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ରାଉରକେଲା ଅଞ୍ଚଳର ଆଶୁତୋଷ ସିଂ (୪୫)। ସକାଳେ ଆଶୁତୋଷ ରାଉରକେଲା ରେଳ ଷ୍ଟେଶନରୁ ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ ଟିଟିଲାଗଡ଼ ଅଭିମୁଖେ ଯାତ୍ରା କରୁଥିଲେ। ଟ୍ରେନ୍‌ଟି ଝାରସୁଗୁଡ଼ା ରେଳ ଷ୍ଟେଶନର ପ୍ଲାଟ୍‌ଫର୍ମ ନମ୍ବର ୧ରେ ଅଟକୁଥିବା ସମୟରେ ଆଶୁତୋଷ ପାଣି ଆଣିବା ପାଇଁ ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଉଥିଲେ। ହେଲେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସି ଯିବାରୁ ସେ ରେଳଧାରଣାରେ ପଡିଯାଇଥିଲେ। ଫଳରେ ଟ୍ରେନ୍‌ରେ କଟି ତାଙ୍କର ମୃତ୍ୟୁ ଘଟିଥିବା ଝାରସୁଗୁଡ଼ା ଜିଆର୍‌ପି ପକ୍ଷରୁ ସୂଚନା ମିଳିଛି।



## ସଂକ୍ଷେପରେ

### ହତ୍ୟା ଘଟଣା: ସାନଭାଇ ଗିରଫ

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ବୃନ୍ଦାମାଲ ରେଳଷ୍ଟେଶନ ନିକଟ ଏକ ବସ୍ତିର ଚାଷଜମିଠାରେ ବଡ଼ଭାଇଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ଅଭିଯୁକ୍ତ ସାନଭାଇ କ୍ଷୀରୋଦ ନାଥ ନାଗ୍‌ଙ୍କୁ ଶୁକ୍ରବାର ଗିରଫ କରିଛି। ଉକ୍ତ ବସ୍ତିରେ ପ୍ରେମନାଥ ନାଗଙ୍କ ସହିତ ବଡ଼ପୁଅ ବିବେକ ନାଥ ନାଗ ଓ ସାନପୁଅ କ୍ଷୀରୋଦ ନାଥ ନାଗ ରହୁଥିଲେ। ଗତ ୨୮ ତାରିଖ ବିଳମ୍ବିତ ରାତିରେ ଉକ୍ତ ବସ୍ତିର ଏକ ଚାଷଜମି ନିକଟରେ ବିବେକ ଓ କ୍ଷୀରୋଦଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ କ୍ଷୀରୋଦ ଉତ୍‌କ୍ଷିପ୍ତ ହୋଇ ବଡ଼ଭାଇ ବିବେକଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ଏନେଇ ପ୍ରେମନାଥ ଅଭିଯୋଗ କରିବା ପରେ ଝାରସୁଗୁଡ଼ା ଜିଆର୍‌ପି ଥାନାରେ ଏକ ହତ୍ୟା ମାମଲା(ନଂ.୧୫/୨୬) ରୁଜୁ ହୋଇଥିଲା। ଝାରସୁଗୁଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳରୁ ଶୁକ୍ରବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।

### ଗଞ୍ଜେଇ, ଲକ୍ଷାଧିକ ଟଙ୍କା ଜବତ: ବୃଦ୍ଧା ଗିରଫ

ବ୍ରଜରାଜନଗର,୬।୩(ବିଜୟ ବରାଡ଼)

ଗଞ୍ଜେଇ ଚୋରା କାରବାର କରିବା ଘଟଣାରେ ବ୍ରଜରାଜନଗର ପୋଲିସ ଜଣେ ବୃଦ୍ଧାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବ୍ରଜରାଜନଗର ପୁରୁଣା ସୁପର ମାର୍କେଟ୍‌ର ରୁକ୍ମିଣୀ ସା(୬୨)। ତାଙ୍କ ନିକଟରୁ ୨ କିଲୋ ୯୯୦ ଗ୍ରାମ୍ ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ୍ ଏବଂ ୧,୧୪,୬୦୦ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୬୪/୨୬) ରୁଜୁ ହୋଇଛି।

### ୟୁକୋ ବ୍ୟାଙ୍କ ଶାଖା ମିଶ୍ରଣ ପ୍ରକ୍ରିୟାକୁ ବିରୋଧ

ବ୍ରଜରାଜନଗର,୬।୩(ବିଜୟ ବରାଡ଼)

ବ୍ରଜରାଜନଗର ଥାନା ଅଧୀନ ବୁଡିଜାମଠାରେ ଦୀର୍ଘବର୍ଷ ଧରି ରହିଥିବା ୟୁକୋ ବ୍ୟାଙ୍କ ଶାଖାକୁ ଅନ୍ୟ ଶାଖା ସହିତ ମିଶ୍ରଣ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। ଏହାକୁ ଖାତାଧାରୀମାନେ ବିରୋଧ କରିଛନ୍ତି। ଏହି ଶାଖା ପୂର୍ବରୁ କୋଲ୍ ଇଣ୍ଡିଆ ଅଧୀନ ଡବ୍ଲ୍ୟୁସିଏଲ୍, ପରେ ଏସ୍‌ସିଏଲ୍ ଏବଂ ବର୍ତ୍ତମାନ ଏମ୍‌ସିଏଲ୍ କର୍ମଚାରୀଙ୍କ ବେତନ ଖାତା ପାଇଁ ମୁଖ୍ୟ କେନ୍ଦ୍ର ଭାବେ ଚାଲିଆସୁଛି। ଏହି ଶାଖାରେ ପ୍ରାୟ ୧୧ ହଜାର ଖାତା ରହିଥିବାବେଳେ ପ୍ରାୟ ୧ କୋଟି ଟଙ୍କାର କାରବାର ହେଉଥିବା ଜଣାପଡିଛି। ଏଠାରେ ୪୬୮ଟି ଆର୍‌ଡି ଖାତା, ପ୍ରାୟ ୧୭୦ଟି ବେତନ ଖାତା ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ୩୭୭ଟି ଖାତା ରହିଛି। କେତେଜଣ ଖାତାଧାରୀଙ୍କ କହିବା ଅନୁଯାୟୀ, ୟୁକୋ ବ୍ୟାଙ୍କର ଏହି ଶାଖାକୁ ପ୍ରାୟ ୩ କିମି ଦୂରରେ ଅବସ୍ଥିତ ଗାନ୍ଧୀଛକ ୟୁକୋ ବ୍ୟାଙ୍କ ଶାଖା ସହ ମିଶ୍ରଣ କରିବା ପାଇଁ ପ୍ରକ୍ରିୟା ଚାଲିଛି। ଏପରି ହେଲେ ବୁଡିଜାମ ଓ ଆଖପାଖ ଅଞ୍ଚଳର ଗ୍ରାହକ ଅସୁବିଧାର ସମ୍ମୁଖୀନ ହେବେ। ଏଭଳି ନ କରିବା ପାଇଁ ଗତ ୨୪ ତାରିଖରେ ୩୮୧ ଜଣ ଖାତାଧାରୀ ସମ୍ବଲପୁରରେ ଅବସ୍ଥିତ ଜୋନାଲ କାର୍ଯ୍ୟାଳୟରେ ଚିଠି ପ୍ରଦାନ କରିଥିଲେ। ହେଲେ ଏନେଇ କୌଣସି ସୁଫଳ ନ ମିଳିବାରୁ ଖାତାଧାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

# ସଚେତନ ହେଲେ ବାଲ୍ୟବିବାହ ରୋକିହେବ

**ବାଲ୍ୟବିବାହ ଦୂରୀକରଣ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ**

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, କର୍ମକର୍ତ୍ତା।

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ୍ ଅନ୍ତର୍ଗତ ବନ୍ଧପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନାଲ୍‌ସାର ବାଲ୍ୟବିବାହ ଦୂରୀକରଣ ଯୋଜନା, ୨୦୨୫ ଅନ୍ତର୍ଗତ ମାନକ କାର୍ଯ୍ୟପ୍ରଣାଳୀ ଏବଂ ପ୍ରଦୂଷଣ ନିୟନ୍ତ୍ରଣର ବିଭିନ୍ନ ପ୍ରଣାଳୀ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ କହିଛନ୍ତି, ସଚେତନ ହେଲେ ବାଲ୍ୟବିବାହ ରୋକିହେବ। ଏଥିରେ ଅନ୍ୟ ଅତିଥି ଭାବରେ ମୁଖ୍ୟ ଆଇନସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ୍, କିର୍ମିରା ସିଡିପିଓ ସଙ୍ଗୀତା ଅଡ଼ା, ବନ୍ଧପାଲି ସରପଞ୍ଚ ତପି ମରେଇ ଯୋଗଦେଇଥିଲେ। ଅତିଥିମାନେ ବାଲ୍ୟ ବିବାହ ଦୂରୀକରଣ, ପ୍ରଦୂଷଣ ନିୟନ୍ତ୍ରଣ ସହିତ ଜିଲା ଆଇନସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା- ମାଗଣା ଆଇନସେବା, ପୀଡ଼ିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ, ନାଲ୍‌ସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଆଲୋଚନା କରି ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିରେ ଆଇନସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ। ଏଥିସହ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ ଓ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ କେଉଁ ପ୍ରକାର ମାମଲାର ସମାଧାନ ଅପୋସ ବୁଝାମଣା ମାଧ୍ୟମରେ ହୋଇପାରିବ ସେ ସମ୍ପର୍କରେ ପ୍ରାଧିକରଣ ସଚିବ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ସହ ଏହାର ଲାଭ ଉଠାଇବା ପାଇଁ ସୂଚନା ଦେଇଥିଲେ।

# ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ସୂଚନା ଅଧିକାର ଆଇନ ବିଷୟରେ ଜଣେ ଛାତ୍ରୀ ବକ୍ତୃତା ଦେଉଛନ୍ତି।

ଝାରସୁଗୁଡ଼ା,୬।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଏଲ୍.ଏନ୍ କଲେଜ ପରିସରରେ ଶୁକ୍ରବାର ସୂଚନା ଅଧିକାର ଅଧିନିୟମ-୨୦୦୫ ଶୀର୍ଷକ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୂଚନା ଅଧିକାର ନାଗରିକଙ୍କୁ ସଶକ୍ତ କରେ କି?' ବିଷୟବସ୍ତୁ ଉପରେ ପ୍ରତିଯୋଗୀମାନେ ଭାଷଣ ଦେଇଥିଲେ। ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଏଲ୍.ଏନ୍. କଲେଜର ଆରତୀ ଚୌରାସିଆ ପ୍ରଥମ, ବ୍ରଜରାଜନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୋମଳ ଚୌଧୁରୀ ଦ୍ୱିତୀୟ ଏବଂ ବେଲପାହାଡ଼ ଡିଗ୍ରୀ କଲେଜର ସୁସ୍ମିତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବ୍ରଜରାଜନଗର ଡିଗ୍ରୀ କଲେଜର ଭାରତୀ ହାତୀ ପ୍ରଥମ, ଏଲ୍.ଏନ୍. କଲେଜର ବର୍ଷାରାଣୀ ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ ଏବଂ କୋଲାବିରା ପି.ଏସ୍. ଡିଗ୍ରୀ କଲେଜର ସୁହାନା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମାର୍ଚ୍ଚ ୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମ୍‌ଏଫ୍ ଅଡିଟୋରିୟମଠାରେ ହେବାକୁ ଥିବା ସ୍ୱତନ୍ତ୍ର କର୍ମଶାଳାରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଲ୍. ଏନ୍. କଲେଜ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଲ୍.ଏନ୍. କଲେଜର ଜନସୂଚନା ଅଧିକାରୀ ଡକ୍ଟର ସୁଚରିତା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଚାରକ ଭାବେ ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ, ତପନ କୁମାର ବାରିକ ଏବଂ ଡକ୍ଟର ଗୀତାରାଣୀ ଦୀକ୍ଷିତ ଯୋଗଦେଇଥିଲେ।

# ଦେବଗଡ଼ରେ ସାଇବର, ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ରେ ସାଇବର ଓ ଅର୍ଥନୈତିକ ଅପରାଧ ରୋକିବା ଉଦ୍ଦେଶ୍ୟରେ ନୂତନ ଭାବେ ସ୍ଥାପିତ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ବୃଦ୍ଧି ପାଉଥିବା ସାଇବର ଠକେଇ ଓ ଅର୍ଥନୈତିକ ଅପରାଧକୁ ଦମନ କରିବା ପାଇଁ ଦେବଗଡ଼ ଜିଲାରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ନିର୍ମାଣ କରାଯାଇଛି। ଏହି ଥାନାରେ ସାଇବର ଠକେଇ, ଅନ୍‌ଲାଇନ ଅର୍ଥ ଠକେଇ ସହିତ ବିଭିନ୍ନ ଡିଜିଟାଲ ଅପରାଧ ସମ୍ବନ୍ଧୀୟ ଅଭିଯୋଗ ଉପରେ ଦ୍ରୁତ ତଦନ୍ତ କରାଯିବ। ଏହାଦ୍ୱାରା ଜିଲାର ଲୋକମାନେ ସାଇବର ଅପରାଧ ସମ୍ପର୍କରେ ସହଜରେ ନ୍ୟାୟ ପାଇବେ ବୋଲି ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର କହିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲାପାଳ କବୀନ୍ଦ୍ର ସାହୁ, ଦେବଗଡ଼ ବନଖଣ୍ଡ ଅଧିକାରିଣୀ ରଶ୍ମି ଜୀ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଉପଜିଲାପାଳ ପରକ୍ଷୀତ ସାହୁ, ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା, ଡିଏସ୍‌ପି ପବିତ୍ର କିଷାନ ଓ ଅମୂଲ୍ୟ ପୁନମ ଲାକ୍ରା, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, କାଉନସିଲର ଇତିଶ୍ରୀ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସଂଘବଦ୍ଧ ଆକ୍ରମଣ ଘଟଣା: ୫ ଗିରଫ

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ଘଟଣାରେ କୁଣ୍ଢେଇଗୋଲା ପୋଲିସ ୫ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ମାନସ ଘଡ଼େଇ, ସୌମ୍ୟରଞ୍ଜନ ଘଡ଼େଇ, ବିକାଶ ଘଡ଼େଇ, ତାପସ ଘଡ଼େଇ ଓ କନ୍ଦର୍ପ ଘଡ଼େଇ। ତେବେ ଏହି ଘଟଣାରେ ସମ୍ପୃକ୍ତ ଭୁବନାନନ୍ଦ ଘଡ଼େଇ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ନୂଆପଡ଼ା ଗ୍ରାମର ବୀରେନ୍ଦ୍ର ବେହେରା ଓ ଜିତୁ ଘଡେଇ ବୁଧବାର ଗ୍ରାମ ନିକଟ ଆଉଁଳି ନଦୀକୁ ଗାଧୋଇବା ପାଇଁ ଯାଉଥିଲେ। ସେହି ସମୟରେ ଉକ୍ତ ରାସ୍ତାରେ ମାନସ ଘଡେଇ ଏବଂ ଶୁଭମ୍ ଘଡେଇ ଝଗଡ଼ା କରୁଥିବା ଦେଖି ସେମାନଙ୍କୁ ବାରଣ କରିଥିଲେ। ପରେ ବୀରେନ୍ଦ୍ର ଓ ଜିତୁ ଗାଧୋଇବାକୁ ଯାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଉପରୋକ୍ତ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ବୀରେନ୍ଦ୍ରଙ୍କୁ ଲାଠି, ଭୁଜାଳି ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ବୀରେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଏଥିସହ ଜିତୁ ଘଡେଇଙ୍କୁ ମଧ୍ୟ ସେମାନେ ଲାଠିରେ ପିଟିଥିଲେ। ଘଟଣା ସମୟରେ ବୀରେନ୍ଦ୍ରଙ୍କ ଭାଇ ନରେନ୍ଦ୍ର ବେହେରା ତାଙ୍କୁ ବଞ୍ଚାଇବାକୁ ଆସିଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବାବେଳେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଫଳରେ ଉଦ୍ଧାର କରିବାକୁ ଆସିଥିବା ଅନ୍ତର୍ଯ୍ୟାମୀ ବେହେରାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବୀରେନ୍ଦ୍ର କୁଣ୍ଢେଇଗୋଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ୨ ଥାନାର ନୂତନ କୋଠା ଲୋକାର୍ପିତ

ବ୍ରଜରାଜନଗର/ବେଲପାହାଡ଼, ୬।୩ (ବିଜୟ ବରାଡ଼/ସୁବାସ ପ୍ରଧାନ)

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଏନ୍‌ଏଚ୍-୪୯ ପାର୍ଶ୍ୱରେ ଓରିଏଣ୍ଟ ଥାନାର ନୂତନ କୋଠା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାକୁ ଲୋକାର୍ପଣ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ଥାନା ପରିସରରେ ସହରର ବହୁ ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବୃନ୍ଦ, ସ୍ଥାନୀୟ ନଗରପାଳ ଓ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏନ୍‌ଏଚ୍-୪୯ରେ ହେଉଥିବା ଦୁର୍ଘଟଣା, ରାସ୍ତା କଡ଼ରେ ହେଉଥିବା ପାର୍କିଂ ଉପରେ ପୋଲିସ ନଜର ରଖିବ। ଖୁବ୍ କମ୍‌ଦିନରେ ପୁରୁଣା ଥାନାରୁ ସମସ୍ତ କାଗଜପତ୍ର ନୂଆ ଥାନାକୁ ସ୍ଥାନାନ୍ତର କରାଯିବ ବୋଲି ଏସ୍‌ଡିପିଓ ପ୍ରଧାନ କହିଛନ୍ତି।

ସେହିପରି ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନାର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାକୁ ଉଦ୍‌ଘାଟନ କରିଥିଲେ। ବେଲପାହାଡ଼ବାସୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ଏହା ବେଶ୍ ସହାୟକ ହେବ ବୋଲି ଅତିରିକ୍ତ ଏସ୍‌ପି ଜେମ୍ସ ସମଦ କହିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ବେଲପାହାଡ଼ ଥାନା ଅଧିକାରୀ ବିକାଶ କଲେତଙ୍କ ସମେତ ଥାନାର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଏବଂ କର୍ମଚାରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ସାଇବର, ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)



ଉଦ୍‌ଘାଟନ ହୋଇଥିବା ସାଇବର ଓ ଅର୍ଥନୈତିକ ଅପରାଧ ଥାନା।

ଝାରସୁଗୁଡ଼ା ଜିଲାର ପ୍ରଥମ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶୁକ୍ରବାର ଅପରାହ୍ନରେ ଏଚ୍. କଣ୍ଟାପାଲିସ୍ଥିତ ସଦର ଥାନା ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରୁ ଭିଡିଓ କନଫରେନ୍ସ ଜରିଆରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହି ଥାନାକୁ ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ାଠାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ, ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କ ସମେତ ବିଭିନ୍ନ ସଙ୍ଗଠନର ମୁଖ୍ୟ, ଜନ ପ୍ରତିନିଧି, ସାମାଜିକ କର୍ମୀ, ବରିଷ୍ଠ ଆଇନଜୀବୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଥାନା ଖୋଲିବା ଦ୍ୱାରା ଜିଲାର ଜନସାଧାରଣଙ୍କୁ ସାଇବର ଓ ଅର୍ଥନୈତିକ ସମ୍ବନ୍ଧୀୟ ମାମଲାରେ ସହଯୋଗ ଯୋଗାଇ ଦିଆଯିବ। ସାଇବର ଅପରାଧୀଙ୍କୁ ଗିରଫ ସହ ଠକେଇର ଶିକାର ହୋଇଥିବା ଜନସାଧାରଣଙ୍କୁ ତୁରନ୍ତ ନ୍ୟାୟ ଦେବାରେ ସହାୟକ ହେବ ବୋଲି ଏସ୍‌ପି ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

# ମନ୍ଦିରରେ ଦୀପ ଜାଳି ରାଜସ୍ୱ ମନ୍ତ୍ରୀଙ୍କ ଆରୋଗ୍ୟ କାମନା


କନକଦୁର୍ଗା ମନ୍ଦିରରେ ଭାଜପା କର୍ମୀମାନେ ପ୍ରାର୍ଥନା କରୁଛନ୍ତି।

ଝାରସୁଗୁଡ଼ା,୬।୩(ଆଶିଷ ରଞ୍ଜନ ଦାଶ)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅସୁସ୍ଥ ହୋଇ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ଭାଜପା ଝାରସୁଗୁଡ଼ା ଜିଲା ଉପସଭାପତି ସୁଧାଂଶୁ ଦୋରାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଶୁକ୍ରବାର ସନ୍ଧ୍ୟାରେ ଝାରସୁଗୁଡ଼ାସ୍ଥିତ ମା' କନକଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ଜଳାଇଥିଲେ। ସୂଚନାଯୋଗ୍ୟ, ଗତ ୩ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମନ୍ତ୍ରୀ ପୂଜାରୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# ଜିଲାସ୍ତରୀୟ ସୂଚନା ଅଧିକାର ଆଇନ ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ପ୍ରଶିକ୍ଷଣ କର୍ମଶାଳା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଓ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ ଯୋଗଦେଇଥିଲେ। ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ପ୍ରତ୍ୟେକ କାର୍ଯ୍ୟାଳୟରେ ଜଣେ ସହକାରୀ ଲୋକ ସୂଚନା ଅଧିକାରୀ କିପରି ଭାବରେ ସୂଚନା ପ୍ରଦାନ କରିବେ ସେ ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ସୂଚନା ଅଧିକାର ମାଷ୍ଟର ଟ୍ରେନର ରଞ୍ଜନ କୁମାର ବକ୍ସି ତାଲିମ ପ୍ରଦାନ କରିଥିଲେ। ସୂଚନା ଅଧିକାର ଆଇନ-୨୦୦୫ ଉପଲକ୍ଷେ ହୋଇଥିବା ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଦେବଗଡ଼ ମହାବିଦ୍ୟାଳୟର ସୀତାରାମ ପ୍ରଧାନ ପ୍ରଥମ, ଆଦର୍ଶ ମହାବିଦ୍ୟାଳୟର ଦିବ୍ୟଜ୍ୟୋତି ସୂତାର ଦ୍ୱିତୀୟ, ଜବାହର ନବୋଦୟ ବିଦ୍ୟାଳୟର ଆୟୁଷ କୁମାର ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଓଡ଼ିଆ ବକ୍ତୃତାରେ ଦେବଗଡ଼ ମହାବିଦ୍ୟାଳୟର ସରୋଜ ପାଣିଗ୍ରାହୀ ପ୍ରଥମ, ଆଦର୍ଶ ମହାବିଦ୍ୟାଳୟର ଦୀପକ ଭେଲେଇ ଦ୍ୱିତୀୟ, ନୀତେଶ କୁମାର ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି କର୍ମଶାଳାରେ ଜିଲା କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ବରିଷ୍ଠ ନାଗରିକ ରାମଚନ୍ଦ୍ର ମହାପାତ୍ର, ଭାଗୀରଥି ଦ୍ୱିବେଦୀ, ଗୌରହରି ଷଡ଼ଙ୍ଗୀ, ଭୁବନେଶ୍ୱର ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ, ଜିଲାରେ କାର୍ଯ୍ୟରତ ଜନ ସୂଚନା ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୬।୩(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ଼ ସେବା ସଂଘ ଓ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ରାଜ୍ୟ ଓ ଜିଲାସ୍ତରୀୟ ୩ ଦିନିଆ ଦିବାରାତ୍ର କବାଡ଼ି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଶୁକ୍ରବାର ରାଜା ବାସୁଦେବ ହାଇସ୍କୁଲ ଖେଳପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଦେବଗଡ଼ ସେବା ସଂଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ସମ୍ମାନିତ ଅତିଥିଭାବେ ବାରକୋଟ ବ୍ଲକ୍ ସରପଞ୍ଚ ସଂଘ ସଭାପତି ପ୍ରକାଶ କୁମାର ପାଣି ଓ ଜିଲା ସରପଞ୍ଚ ସଂଘ ସମ୍ପାଦକ ପ୍ରକାଶ ଆଚାର୍ଯ୍ୟ ଯୋଗଦେଇଥିଲେ। ପ୍ରଥମ ଦିବସରେ ଜିଲାସ୍ତରୀୟ ପ୍ରତିଯୋଗିତାର ଉଦ୍‌ଘାଟନୀ ଲିଗ୍ ମ୍ୟାଚ୍ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଟିମ୍ ଓ ତିମୂର ଶିବଶକ୍ତି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୬-୧୮ ପଏଣ୍ଟରେ ତିମୂର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁରୁଣାଗଡ଼ ଆପ୍ରାଇଜ କଲେଜ ଓ ମେଦିନୀପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪-୧୬ ପଏଣ୍ଟ ବ୍ୟବଧାନରେ ମେଦିନୀପୁର ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ପୁରୁଣାଗଡ଼ ମହାଲକ୍ଷ୍ମୀ କ୍ଲବ୍ ଓ ରିଆମାଳ ରେନ୍‌ବୋ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ପୁରୁଣାଗଡ଼ ଦଳ ବିଜୟୀ ହୋଇଥିଲା। ସେହିପରି ଚତୁର୍ଥ ତଥା ଶେଷ ଲିଗ୍ ମ୍ୟାଚ୍ ଭିତିରିଆ ସାହି ଜିକେ କ୍ଲବ୍ ଓ ବାବରାକୋଟ ରାଜପୁତ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୧-୧୪ ପଏଣ୍ଟ ବ୍ୟବଧାନରେ ଜିକେ କ୍ଲବ୍ ବିଜୟୀ ହୋଇଥିଲା। ସେହିପରି ପ୍ରଥମ ସେମି ଫାଇନାଲ ମ୍ୟାଚ୍ ପୁରୁଣାଗଡ଼ ମହାଲକ୍ଷ୍ମୀ କ୍ଲବ୍ ଓ ତିମୂର ଶିବଶକ୍ତି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୩-୩୭ ପଏଣ୍ଟ ବ୍ୟବଧାନରେ ପୁରୁଣାଗଡ଼ ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରଥମ ଦଳ ଭାବେ ପ୍ରବେଶ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଜିକେ କ୍ଲବ୍ ଓ ମେଦିନୀପୁର ଟିମ୍ ମଧ୍ୟରେ ଜାରି ରହିଥିଲା। ପ୍ରତିଯୋଗିତାର ଦ୍ୱିତୀୟାର୍ଦ୍ଧରେ ଅତିଥି ଭାବେ ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଏସ୍‌ଡିପିଓ ରମେଶ ମାହାନା, ଆଇନଜୀବୀ ପ୍ରଭାସ କୁମାର ମିଶ୍ର, ଶିକ୍ଷାବିତ୍ ରାମଚନ୍ଦ୍ର ମହାପାତ୍ର, ଡା. ସୁଶୀଲ କୁମାର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥୀ ପ୍ରମୁଖ ମଞ୍ଚାସିନ ରହି ସେମିଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍ ସମ୍ପାଦକ ଅବିନାଶ ପ୍ରଧାନ, କୋଷାଧ୍ୟକ୍ଷ ସୁରେନ କୁମାର ନାୟକଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

